Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:328✦28 March 2026 (Saturday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୩୨୮ ✦୨୮ ମାର୍ଚ୍ଚ ୨୦୨୬ (ଶନିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ଇସ୍ରାଏଲର ପାରମାଣବିକ ସହର ଡିମୋନାରେ ଇରାନର ଭୟଙ୍କର ବିସ୍ଫୋରଣ

ଜବାବ ଦେଲା ଇସ୍ରାଏଲ୍

ତେଲ୍ ଆଭିଭ୍/ତେହେରାନ,୨୭/୩: ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଏକ ଅତି ଭୟଙ୍କର ରୂପ ଧାରଣ କରିଛି । ଶୁକ୍ରବାର ଇସ୍ରାଏଲର ପାରମାଣବିକ ଗବେଷଣା କେନ୍ଦ୍ର ପାଇଁ ଜଣାଶୁଣା ଡିମୋନା ସହର ନିକଟରେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟିଥିବା ସୂଚନା ମିଳିଛି । ଏହି ଘଟଣାର ପାଲଟା ଜବାବରେ ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ ଇରାନ ମଧ୍ୟରେ ଥିବା ପ୍ରମୁଖ କ୍ଷେପଣାସ୍ତ୍ର ଘାଟିଗୁଡ଼ିକୁ ଟାର୍ଗେଟ୍ କରି ଜୋରଦାର ଆକ୍ରମଣ କରିଛି । ଇରାନର ନୌସେନା କମାଣ୍ଡର ଆଲିରେଜା ତଙ୍ଗସିରିଙ୍କ ମୃତ୍ୟୁ ପରେ ଦୁଇ ଦେଶ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ଏବେ ସିଧାସଳଖ ପାରମାଣବିକ ଓ ରଣନୈତିକ ପ୍ରତିଷ୍ଠାନଗୁଡ଼ିକ ଉପରକୁ ଆକ୍ରମଣ ପର୍ଯ୍ୟନ୍ତ ପହଞ୍ଚିଛି, ଯାହା ସମଗ୍ର ବିଶ୍ୱ ପାଇଁ ଚିନ୍ତାର ବିଷୟ ପାଲଟିଛି । ଡିମୋନା ନିକଟରେ ହୋଇଥିବା ଏହି ବିସ୍ଫୋରଣ ଇରାନ ପକ୍ଷରୁ କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ହୋଇଥିବା ସନ୍ଦେହ କରାଯାଉଛି । ଏହାର କିଛି ସମୟ ପରେ ଇସ୍ରାଏଲର ଯୁଦ୍ଧବିମାନଗୁଡ଼ିକ ଇରାନର ଆଭ୍ୟନ୍ତରୀଣ ସୀମାରେ ଥିବା କ୍ଷେପଣାସ୍ତ୍ର ଉତକ୍ଷେପଣ କେନ୍ଦ୍ରଗୁଡ଼ିକୁ ଧ୍ୱଂସ କରିଦେଇଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ବିରୋଧରେ ଆକ୍ରମଣ ପାଇଁ ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ସମୟସୀମା ଘୁଞ୍ଚାଇଥିଲେ ହେଁ, କ୍ଷେତ୍ର ସ୍ତରରେ ଇସ୍ରାଏଲ ଓ ଇରାନ ମଧ୍ୟରେ ପ୍ରତ୍ୟକ୍ଷ ସଂଘର୍ଷ ଜାରି ରହିଛି । ସାମରିକ ବିଶେଷଜ୍ଞଙ୍କ ଅନୁଯାୟୀ, ଇସ୍ରାଏଲର ପାରମାଣବିକ କେନ୍ଦ୍ର ନିକଟରେ ବିସ୍ଫୋରଣ ହେବା ଏକ ବିପଦଜନକ ସଙ୍କେତ । ଏହା କେବଳ ଦୁଇ ଦେଶ ମଧ୍ୟରେ ସୀମିତ ନରହି ଏକ ପୂର୍ଣ୍ଣାଙ୍ଗ ଆଞ୍ଚଳିକ ଯୁଦ୍ଧର ରୂପ ନେଇପାରେ ।

ପ୍ରଧାନମନ୍ତ୍ରୀ ମୋଦୀ ଓ ମୁଁ ସମସ୍ୟାର ସମାଧାନ କରିପାରୁ : ଟ୍ରମ୍ପ

ନୂଆଦିଲ୍ଲୀ,୨୭/୩: ଇରାନ ସହିତ ଭୀଷଣ ଯୁଦ୍ଧ ଚାଲିଥିବା ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସେ ଯେକୌଣସି ସମସ୍ୟାର ସମାଧାନ କରିପାରିବେ । ତେବେ ଟ୍ରମ୍ପ ଏହା କେଉଁ ପରିପ୍ରେକ୍ଷୀରେ କହିଛନ୍ତି ତାହା ସ୍ପଷ୍ଟ କରିନାହାନ୍ତି । ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ତୈଳ ସଙ୍କଟ ଦେଖାଦେଇଥିବାବେଳେ ଏହାର ମୁକାବିଲା ପ୍ରସଙ୍ଗରେ କହିଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଭାରତ ସ୍ଥିତ ଆମେରିକା ଦୂତାବାସ ଟ୍ରମ୍ପଙ୍କ ବାର୍ତ୍ତା ଜାରି କରିଥିବାବେଳେ ଏଥିରେ କୁହାଯାଇଛି ଯେ, ଭାରତ ସହିତ ଆମର ପୁରୁଣା ସମ୍ପର୍କ ଆହୁରି ପ୍ରଗାଢ଼ ହେବ ବୋଲି ଟ୍ରମ୍ପ ତାଙ୍କ ବାର୍ତ୍ତାରେ କହିଛନ୍ତି । ସୂଚନାଯୋଗ୍ୟ, ମଙ୍ଗଳବାର ପ୍ରଧାନମନ୍ତ୍ରୀ ମୋଦୀ ଓ ଟ୍ରମ୍ପ ଟେଲିଫୋନ୍ ମାଧ୍ୟମରେ କଥାବାର୍ତ୍ତା କରିଥିଲେ । ଇରାନ ସହିତ ଯୁଦ୍ଧ ଆରମ୍ଭ ହେବା ପରେ ମୋଦୀ ପ୍ରଥମ ଥର ଟ୍ରମ୍ପଙ୍କ ସହିତ କଥା ହୋଇଥିଲେ । ଭାରତ ଶାନ୍ତି ପ୍ରତିଷ୍ଠା ପକ୍ଷରେ ଅଛି ଓ ବିଶ୍ୱ ପାଇଁ ଏହା ଜରୁରୀ ବୋଲି ମୋଦୀ କହିଥିଲେ । ସେହିପରି ହର୍ମୁଜ ପ୍ରଣାଳୀ ଖୋଲା ରଖାଯିବା ଉପରେ ମୋଦୀ ଗୁରୁତ୍ୱ ଦେଇଥିଲେ ।

ଭୁବନେଶ୍ୱରରେ ସ୍ଥଳସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ

ଭୁବନେଶ୍ୱର,୨୭/୩(ନି/ପ୍ର): ଭୁବନେଶ୍ୱରରେ ପହଞ୍ଚିଲେ ସ୍ଥଳସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ । ୩ଦିନିଆ ଗସ୍ତରେ ଓଡିଶା ଆସିଛନ୍ତି ଶ୍ରୀ ଦ୍ୱିବେଦୀ । ଭାରତୀୟ ସ୍ଥଳ ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ତିନି ଦିନିଆ ଓଡିଶା ଗସ୍ତରେ ଆସି ଆଜି ଭୁବନେଶ୍ୱରରେ ପହଞ୍ଚିଛନ୍ତି । ସୂଚନା ଅନୁସାରେ ଶ୍ରୀ ଦ୍ୱିବେଦୀ ଭୁବନେଶ୍ୱରରେ ପହଞ୍ଚିବା ପରେ ୧୨୦ ବାଟାଲିଅନ ମୁଖ୍ୟାଳୟକୁ ଯିବେ । ୨୮ରେ ସେ ପୁରୀ ଯାଇ ଶ୍ରୀଜୀଉଙ୍କ ଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି । ଏହାପରେ ସେ ଗୋପାଳପୁରସ୍ଥିତ ଆର୍ମି ଏୟାର ଡିଫେନ୍ସ କଲେଜ ଗସ୍ତ କରି ସେଠାରେ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନୀ ବୁଲି ଦେଖିବା ସହିତ ପ୍ରଶିକ୍ଷଣ କାର୍ଯ୍ୟ ତଦାରଖ କରିବେ । ୨୯ରେ ସେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡ଼ିଛି ।

ବନ୍ଧା ହେଲେ ଜଳସେଚନ ବିଭାଗ ଏସଡିଓ

ଭଞ୍ଜନଗର,୨୭/୩(ନି/ପ୍ର): ଗିରଫ ହେଲେ ଭଞ୍ଜନଗର ଡହ ଜଳସେଚନ ବିଭାଗ ଏସଡିଓ ପଟ୍ଟୁ ବେହେରା । ଗତକାଲି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏକକାଳୀନ ୫ଟି ସ୍ଥାନରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢାଉ କରାଯାଉଥିଲା । ପଟ୍ଟୁ ବେହେରାଙ୍କ ବ୍ରହ୍ମପୁର ସ୍ଥିତ ବସନ୍ତ ବିହାର ଅଞ୍ଚଳରେ ପ୍ରାୟ ୩୫୫୦ ବର୍ଗଫୁଟ୍ ଅଞ୍ଚଳରେ ନିର୍ମିତ ତିନିତଳ ବିଲ୍ଡିଂ, ବ୍ରହ୍ମପୁର ସହର ଓ ଚାରିପାଖରେ ୫ଟି ମୂଲ୍ୟବାନ ପ୍ଲଟ୍, ପୋଲସରା ରେ ଥିବା ପୈତୃକ ଘରୁ ନଗଦ ୧୮ ଲକ୍ଷ ୯୦ ହଜାର ୮୦୦ ଟଙ୍କା ଏବଂ ବସନ୍ତ ବିହାର ସ୍ଥିତ ତିନିତଳ କୋଠାରୁ ୧୫.୧୩ ଲକ୍ଷ ଏବଂ ଭଞ୍ଜନଗର ସରକାରୀ କ୍ୱାର୍ଟରରୁ ୩.୭୨ ଲକ୍ଷ ନଗଦ ଟଙ୍କା ଜବତ ହୋଇଛି । ଏହାସହ ୫୭ ଲକ୍ଷ ଟଙ୍କାର ଏକ କଂକ୍ରିଟ୍ ମିକ୍ସର ମେସିନ୍, ୩୭ ଲକ୍ଷ ଟଙ୍କାର ଏକ ଜେସିବି ମେସିନ୍ , ଏକ ଚାରିଚକିଆ ଗାଡ଼ି ସହ ୩ଟି ଦୁଇଚକିଆ ଯାନ ଜବତ ହୋଇଛି ।

ଇରାନର ବନ୍ଧୁ ରାଷ୍ଟ୍ର ତାଲିକାରେ ଭାରତ

ତେହରାନ,୨୭/୩: ଏକ କୂଟନୈତିକ ସଫଳତା କ୍ରମେ ହର୍ମୁଜ ପ୍ରଣାଳୀକୁ ସୁରକ୍ଷିତ ଅତିକ୍ରମ କରିବାକୁ ଇରାନର ଅନୁମତି ହାସଲ କରିଛି ଭାରତ । କାରଣ ଭାରତକୁ ଇରାନ ଏହାର ବନ୍ଧୁ ରାଷ୍ଟ୍ର ତାଲିକାରେ ରଖିଛି । ଇରାନ କେବଳ ବନ୍ଧୁ ରାଷ୍ଟ୍ରଗୁଡିକର ପଣ୍ୟବାହୀ ଜାହାଜ ଓ ତୈଳ ଟ୍ୟାଙ୍କରକୁ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିବାକୁ ଅନୁମତି ପ୍ରଦାନ କରୁଛି । ଏପରିସ୍ଥିତିରେ ଇରାନର ବନ୍ଧୁ ରାଷ୍ଟ୍ର ତାଲିକାରେ ଭାରତ ରହିବା ଏକ ବଡ କୂଟନୈତିକ ସଫଳତା ବୋଲି ମନେକରାଯାଇଛି । ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଗଚି କହିଛନ୍ତି ଯେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକ ଅପପ୍ରଚାର କରୁଛନ୍ତି ଯେ ହର୍ମୁଜ ପ୍ରଣାଳୀ ଆନ୍ତର୍ଜାତିକ ଜାହାଜ ଚଳାଚଳ ପାଇଁ ସମ୍ପୂର୍ଣ୍ଣ ବନ୍ଦ । ବାସ୍ତବରେ ହର୍ମୁଜ ପ୍ରଣାଳୀକୁ ଇରାନ କେବଳ ଏହାର ଶତ୍ରୁ ରାଷ୍ଟ୍ରଗୁଡିକର ଜାହାଜ ଲାଗି ବନ୍ଦ ରଖିଛି ।

ପେଟ୍ରୋଲ୍ ଡିଜେଲ୍‌ରେ ଉତ୍ପାଦ ଶୁଳ୍କ ହ୍ରାସ

ନୂଆଦିଲ୍ଲୀ,୨୭/୩: ପେଟ୍ରୋଲ୍ ଡିଜେଲ୍ ଉପରୁ କମିଲା ଏକ୍ସସାଇଜ୍ ଡ୍ୟୁଟି । ଯୁକ୍ତରାଷ୍ଟ୍ର-ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ଯୁଦ୍ଧ ହେତୁ ଇନ୍ଧନ ଦର ବଢ଼ିବା ଆଶଙ୍କା ମଧ୍ୟରେ, ସରକାର ଆଜି ପେଟ୍ରୋଲ୍ ଓ ଡିଜେଲ୍ ଉପରେ ଏକ୍ସାଇଜ୍ ଶୁଳ୍କ ପ୍ରତି ଲିଟର ୧୦ ଟଙ୍କା କମାଇଛନ୍ତି । ଯାହାଫଳରେ ପେଟ୍ରୋଲ୍ ଉପରେ ଶୁଳ୍କ ୧୩ ଟଙ୍କାରୁ କମି ୩ ଟଙ୍କା ହୋଇଛି । ଏବଂ ଡିଜେଲ୍ ଉପରେ ୧୦ ଟଙ୍କାରୁ କମି ଶୂନ୍ୟ କରାଯାଇଛି । ଅର୍ଥାତ୍ ଡିଜେଲ୍ ଉପରେ କୌଣସି ଏକ୍ସସାଇଜ୍ ଡ୍ୟୁଟି ଲାଗୁ ହେବ ନାହିଁ । ପୂର୍ବରୁ ଡିଜେଲ୍ ଉପରେ ଏକ୍ସସାଇଜ୍ ଡ୍ୟୁଟି ୧୦ ଟଙ୍କା ଥିଲା । ଯୁଦ୍ଧ ପରେ ଇରାନ୍ ଦ୍ୱାରା ହର୍ମୁଜ୍ ସମୁଦ୍ର ସଙ୍କୋଚ ଅବରୋଧ କରାଯାଇଥିବାରୁ ପରିସ୍ଥିତି ଅଧିକ ଗଭୀର ହୋଇଛି । ହର୍ମୁଜ୍ ବିଶ୍ୱର ଏକ ପ୍ରମୁଖ ଇନ୍ଧନ ପରିବହନ ମାର୍ଗ । ଯୁଦ୍ଧ ପୂର୍ବରୁ ପ୍ରାୟ ୨୦ ପ୍ରତିଶତ ଗ୍ଲୋବାଲ୍ କ୍ରୁଡ଼ ତୈଳ ଓ ଗ୍ୟାସ୍ ଆସୁଛି । ଦିନକୁ ୨୦ ରୁ ୨୫ ମିଲିଅନ୍ ବ୍ୟାରେଲ୍ ତୈଳ ଓ ପ୍ରାୟ ୧୦ ବିଲିଅନ୍ କ୍ୟୁବିକ୍ ଫୁଟ୍ ଗ୍ୟାସ୍ ଏହି ସଙ୍କୋଚ ମାଧ୍ୟମରେ ଯାଉଥିଲା । ଭାରତ ପାଇଁ ମଧ୍ୟ ଏହା ଅତ୍ୟନ୍ତ ଜରୁରୀ ମାର୍ଗ । ଦେଶର ମୋଟ କ୍ରୁଡ଼ ତୈଳ ଆମଦାନିର ପ୍ରାୟ ୪୦ ରୁ ୫୦ ପ୍ରତିଶତ ଅର୍ଥାତ୍ ୨.୨ ରୁ ୨.୮ ମିଲିଅନ୍ ବ୍ୟାରେଲ୍ ପ୍ରତିଦିନ ଏହି ମାର୍ଗ ଦେଇ ଆସେ । ଏହା ସହିତ ଭାରତ ପଶ୍ଚିମ ଏସିଆରୁ ବହୁ ପରିମାଣରେ ତରଳ ପ୍ରାକୃତିକ ଗ୍ୟାସ୍ ଆମଦାନୀ କରେ । ଯାହାର ପ୍ରାୟ ୧୬ ରୁ ୧୭ ପ୍ରତିଶତ କତାର ଓ ସଂଯୁକ୍ତ ଆରବ ଏମିରେଟସ୍ ଠାରୁ ଆସେ । ସେହିପରି ଭାରତ କତାର ଓ ଇରାନ୍ ଠାରୁ ଏହି ମାର୍ଗ ଦ୍ୱାରା ବହୁ ପରିମାଣରେ ଏଲପିଜି ମଧ୍ୟ ଆମଦାନୀ କରେ । ଯାହା ଦେଶର ୩୩ କୋଟିରୁ ଅଧିକ ପରିବାର ଉପକୃତ ହୁଅନ୍ତି । ସରକାରଙ୍କ କହିବା ଅନୁସାରେ, ଦେଶ ପାଖରେ ପ୍ରାୟ ୬୦ ଦିନର ତୈଳ ଷ୍ଟକ୍ ଓ ୩୦ ଦିନର ଏଲପିଜି ସିଲିଣ୍ଡର ଯୋଗାଣ ଉପଲବ୍ଧ ଅଛି । ଅଭାବ ସମ୍ବନ୍ଧୀୟ ଖବରକୁ ସରକାର ଭ୍ରାନ୍ତ ସୂଚନା ବୋଲି କହିଛନ୍ତି । ଯାହା ଲୋକମାନଙ୍କ ମଧ୍ୟରେ ଅନାବଶ୍ୟକ ଭୟ ସୃଷ୍ଟି କରିପାରେ ।

ଇରାନ ପୁଣି ଧମକାଇଲା : ବିନାଶକାରୀ ହେବ ସ୍ଥଳଯୁଦ୍ଧ

ତେହେରାନ/ୱାସିଂଟନ,୨୭/୩: ଚାରି ସପ୍ତାହ ଧରି ଜାରି ରହିଥିବା ମଧ୍ୟ-ପ୍ରାଚ୍ୟ ଯୁଦ୍ଧ ଭୀଷଣ ରୂପ ନେଇପାରେ । ଇରାନ ଓ ଆମେରିକା କେହି କାହା ସର୍ତ୍ତ ମାନିବା ସ୍ଥିତିରେ ନାହାନ୍ତି । ଫଳରେ କୂଟନୈତିକ ଅଚଳାବସ୍ଥା ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ପାକିସ୍ତାନ ଦାବି କରିଛି ଯେ କଥାବାର୍ତ୍ତା ପାଇଁ ବିଭିନ୍ନ ଚ୍ୟାନେଲ୍ ସକ୍ରିୟ ରହିଛି । ଏପଟେ ଆମେରିକା ଓ ଇସ୍ରାଏଲ ଆକାଶମାର୍ଗରେ ପ୍ରାଧାନ୍ୟ ବିସ୍ତାର କରି ଇରାନର କ୍ଷେପଣାସ୍ତ୍ର ଭିତିଭୂମିକୁ ଯଥେଷ୍ଟ କ୍ଷତି ପହଞ୍ଚାଇଛନ୍ତି । ତଥାପି ଇରାନର ଆକ୍ରମଣ କ୍ଷମତା କମୁନି । ବରଂ ଇରାନ ହର୍ମୁଜ ପ୍ରଣାଳୀ ଅବରୋଧ କରି ବିଶ୍ୱ ଅର୍ଥନୀତିକୁ ଚାପରେ ରଖିବାରେ ସମର୍ଥ ହୋଇଛି । ଏହି ସାମରିକ ଗତିରୋଧ ଏବେ ଭୟଙ୍କର ସ୍ଥଳଯୁଦ୍ଧର ଆଶଙ୍କା ସୃଷ୍ଟି କରିଛି ବୋଲି ବିଶ୍ଳେଷକ କହିଛନ୍ତି । ଇରାନ ଆଜି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଚେତାବନୀ ଦେଇ କହିଛି ଯେ ସ୍ଥଳଯୁଦ୍ଧ ଆମେରିକୀୟ ମିଳିତ ବାହିନୀ ପାଇଁ 'ମୃତ୍ୟୁର ବଳୟ' ହେବ । ଇରାନର ବରିଷ୍ଠ ସାମରିକ ରଣନୀତିଜ୍ଞ ମୋହସେନ ରେଜାଇ କହିଛନ୍ତି,

ଗମ୍ଭୀର ହେଲାଣି ହର୍ମୁଜ ସଙ୍କଟ

ଯଦି ମିଳିତ ବାହିନୀ ସ୍ଥଳପଥରେ ଆକ୍ରମଣ କରେ, ତେବେ ତାହା ଶତ୍ରୁପକ୍ଷ ପାଇଁ ଅତ୍ୟନ୍ତ ବିପଜ୍ଜନକ ଏବଂ ବିନାଶକାରୀ ପ୍ରମାଣିତ ହେବ । ସେ ଆମେରିକାକୁ ଚ୍ୟାଲେଞ୍ଜ କରି ପ୍ରଶ୍ନ କରିଛନ୍ତି ଯେ ଆମେରିକୀୟ ସୈନିକମାନେ କ'ଣ ଇସ୍ରାଏଲ ପାଇଁ ମରିବାକୁ ପ୍ରସ୍ତୁତ ? ଇରାନର ପାହାଡ଼ିଆ ଅଞ୍ଚଳ, ବିସ୍ତୀର୍ଣ୍ଣ ମରୁଭୂମି ଏବଂ ଦୁର୍ଗ ସଦୃଶ ସହରଗୁଡ଼ିକୁ ଆକ୍ରମଣକାରୀଙ୍କ ପାଇଁ ଏକ 'କିଲ୍ ଜୋନ୍' ବା ମୃତ୍ୟୁର ବଳୟରେ ପରିଣତ କରିବା ପାଇଁ ତେହେରାନ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ପାଲଟା ଜବାବ ଦେଇ କହିଛନ୍ତି ଯେ ସାମରିକ ବିକଳ୍ପ ଆହୁରି ତୀବ୍ର ହେବା ପୂର୍ବରୁ ଇରାନ ଯୁଦ୍ଧବିରତି ପ୍ରସ୍ତାବ ଉପରେ ଗମ୍ଭୀର ହେବା ଉଚିତ । ସମୟ ଶେଷ ହେବା ପୂର୍ବରୁ ସେମାନେ ସତର୍କ ହେବା ଭଲ । ନଚେତ୍ ଇରାନ ପାଇଁ ଫେରିବାର କୌଣସି ସୁଯୋଗ ରହିବ ନାହିଁ । ସୂଚନାଯୋଗ୍ୟ, ଇରାନ ଏବେ ହର୍ମୁଜ ପ୍ରଣାଳୀକୁ ଆମେରିକା ଓ ଇସ୍ରାଏଲ ଜାହାଜ ପାଇଁ ସମ୍ପୂର୍ଣ୍ଣ ସିଲ୍ କରିଦେଇଛି ଏବଂ ଭାରତ, ଚୀନ୍, ପାକିସ୍ତାନ ସମେତ ୫ଟି ଦେଶକୁ ସର୍ତ୍ତମୂଳକ ଅନୁମତି ଦେଇଛି । କେତେକ କ୍ଷେତ୍ରରେ ଇରାନ ମୋଟା ଅଙ୍କର ଶୁଳ୍କ ବଦଳରେ ଜାହାଜଗୁଡ଼ିକୁ ଯିବାକୁ ଅନୁମତି ଦେଉଛି । ଗତ ୨୪ ଘଣ୍ଟା ମଧ୍ୟରେ ସାମରିକ କାର୍ଯ୍ୟାନୁଷ୍ଠାନ ମଧ୍ୟ ତୀବ୍ର ହୋଇଛି । ଇସ୍ରାଏଲ ପକ୍ଷରୁ ତେହେରାନର ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ଓ ଆଇଆରଜିସିର କମାଣ୍ଡ ସେଣ୍ଟର ଉପରେ ପ୍ରବଳ ଏୟାରଷ୍ଟ୍ରାଇକ୍ କରାଯାଇଛି । ଏହାର ପ୍ରତିଶୋଧ ସ୍ୱରୂପ ଇରାନ ତେଲ୍ ଅଭିଭ୍ ସମେତ ଇସ୍ରାଏଲର କେନ୍ଦ୍ରୀୟ ଅଞ୍ଚଳ ଏବଂ ଗଲ୍ଫ ଦେଶରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ଶତାଧିକ ମିସାଇଲ୍ ଓ ଡ୍ରୋନ୍ ମାଡ଼ କରିଛି । ଆବୁଧାବିରେ ମିସାଇଲ୍‌ର ଭଗ୍ନାବଶେଷ ପଡ଼ି ଦୁଇ ଜଣ ପ୍ରବାସୀଙ୍କ ମୃତ୍ୟୁ ଘଟିଛି । ବାହାରିନ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଥିବା ଏକ ତୈଳ ଡିପୋରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି, ଯାହାକୁ ଇରାନର ଆକ୍ରମଣ ବୋଲି ସନ୍ଦେହ କରାଯାଉଛି । ଅନ୍ୟପକ୍ଷରେ ହେଜବୁଲ୍ଲାର ରକେଟ୍ ମାଡ଼ରେ ଇସ୍ରାଏଲରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଶାନ୍ତି ପ୍ରତିଷ୍ଠା ପାଇଁ ରାଷ୍ଟ୍ରପତି ଟ୍ରମ୍ପଙ୍କ ପକ୍ଷରୁ ଦିଆଯାଇଥିବା ୧୫ ସୂତ୍ରୀ ଯୁଦ୍ଧବିରତି ପ୍ରସ୍ତାବକୁ ଇରାନ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଥିବା ବେଳେ ଯଦି ସ୍ଥଳଯୁଦ୍ଧ ଆରମ୍ଭ ହୁଏ, ତେବେ ଏହା କେବଳ ଇରାନ ନୁହେଁ ବରଂ ସମଗ୍ର ବିଶ୍ୱ ପାଇଁ ବଡ଼ ବିପଦ ଆଣିବ ।

ରାଜ୍ୟରେ ଜାରି ରହିବ କାଳବୈଶାଖୀ ତାଣ୍ଡବ

୫ ତାରିଖ ପର୍ଯ୍ୟନ୍ତ ସତର୍କ କରାଇଲା ପାଣିପାଗ ବିଭାଗ

ଭୁବନେଶ୍ୱର,୨୭/୩(ନି/ପ୍ର):ରାଜ୍ୟରେ ଜାରି ରହିବ କାଳବୈଶାଖୀ ତାଣ୍ଡବ । ବିଭିନ୍ନ ଜିଲ୍ଲାଗୁଡ଼ିକୁ ସତର୍କ କରାଇଲା ପାଣିପାଗ ବିଭାଗ । ଆଗାମୀ ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ବର୍ଷାର ସମ୍ଭାବନା ରହିଛି । ଏହାସହିତ ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ଏହି ସମୟରେ କୁଆପଥର ସହ ବର୍ଷା ଓ ବିଜୁଳି, ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି । ପବନର ବେଗ ମଧ୍ୟ ୩୦ରୁ ୫୦ କିଲୋମିଟର ରହିବ । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଦକ୍ଷିଣ ଗାଙ୍ଗେୟ ପଶ୍ଚିମବଙ୍ଗ ଓ ସଂଲଗ୍ନ ଉତ୍ତର ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇରହିଛି । ଏହାର ପ୍ରଭାବରେ ଆଜି ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ପବନ ସହ ଝଡ଼ବର୍ଷାର ସମ୍ଭାବନା ରହିଛି । ଏହାସହିତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ମଧ୍ୟ ପବନ ବହିପାରେ । ଏସବୁ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । କାଳବୈଶାଖୀ ପ୍ରଭାବ ଦ୍ୱାରା ପାଣିପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ । ଆକାଶ ମେଘୁଆ ରହିବା ତାତି ବଢ଼ିବ ନାହିଁ ବରଂ ଆକାଶ ସାମାନ୍ୟ ମେଘୁଆ ରହିବ ।

ଗୁଜରାଟର କାଣ୍ଡଲା ବନ୍ଦରରେ ଏଲପିଜି ନେଇ ପହଞ୍ଚିଲା 'ଜଗ୍ ବସନ୍ତ'

ନୂଆଦିଲ୍ଲୀ,୨୭/୩: ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ଭିତରେ ପ୍ରମୁଖ ତୈଳ ପରିବହନକାରୀ ମାର୍ଗ ହର୍ମୁଜ ପ୍ରଣାଳୀ ବନ୍ଦ ରହିଥିବାବେଳେ ଭାରତରେ ଏଲପିଜି ନେଇ ପହଞ୍ଚିଛି ଆଉ ଏକ ଜାହାଜ 'ଜଗ୍ ବସନ୍ତ' । ଶୁକ୍ରବାର 'ଜଗ୍ ବସନ୍ତ' ଗୁଜରାଟର କାଣ୍ଡଲା ବନ୍ଦରରେ ପହଞ୍ଚିଛି । ଜାହାଜରେ ୪୨,୦୦୦ ମେଟ୍ରିକ୍ ଟନ୍ ଏଲପିଜି ରହିଛି । ସୋମବାର 'ଜଗ୍ ବସନ୍ତ' ଓ ଆଉ ଏକ ଏଲପିଜି ଟ୍ୟାଙ୍କର 'ପାଇନ୍ ଗ୍ୟାସ୍' ଭାରତ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ହର୍ମୁଜ ପ୍ରଣାଳୀ ପାର ହେବାକୁ ଦୁଇ ଜାହାଜକୁ ଅନ୍ୟ ଏକ ମାର୍ଗ ଦେଇ ଆସିବାକୁ ପଡ଼ିଥିଲା । ଏହି ଜାହାଜଗୁଡ଼ିକ ଆରବ ସାଗରରେ ସ୍ୱଳ୍ପ ଏବଂ ସିଧା ପାରମ୍ପାରିକ ପଥ ପରିବର୍ତ୍ତେ କେଶ୍ମ-ଲାରାକ ଚ୍ୟାନେଲ ଦେଇ ହର୍ମୁଜ୍ ପ୍ରଣାଳୀ ପାର କରୁଥିଲେ । ଟ୍ୟାଙ୍କରଗୁଡ଼ିକ ସମ୍ଭବତଃ ଇରାନ କର୍ତ୍ତୃପକ୍ଷଙ୍କଠାରୁ ପାର ହେବା ପାଇଁ ପୂର୍ବ ଅନୁମୋଦନ ପାଇଥିଲେ । 'ଜଗ୍ ବସନ୍ତ' ଭାରତରେ ପହଞ୍ଚିବାରେ ତୃତୀୟ ଏଲପିଜି ଟ୍ୟାଙ୍କର । ଏହାପୂର୍ବରୁ ନନ୍ଦାଦେବୀ ଓ ଶିବାଲିକ୍ ଗୁଜରାଟ ବନ୍ଦରରେ ଏଲପିଜି ନେଇ ପହଞ୍ଚି ଥିଲେ । ଶିବାଲିକ ଗୁଜରାଟର ମୁନ୍ଦ୍ରା ବନ୍ଦରରେ ମାର୍ଚ୍ଚ ୧୬ ତାରିଖରେ ପହଞ୍ଚି ଥିବାବେଳେ ନନ୍ଦା ଦେବୀ ଏହାର ଦିନକ ପରେ ଗୁଜରାଟର ଭାଡିନାର ବନ୍ଦରରେ ପହଞ୍ଚି ଥିଲା । ଦୁଇଟିଯାକ ଜାହାଜରେ ମୋଟ ୯୨,୦୦୦ ମେଟ୍ରିକ୍ ଟନ୍ ଏଲପିଜି ଭାରତ ପହଞ୍ଚି ଥିଲା । ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ଭିତରେ ପ୍ରମୁଖ ତୈଳ ପରିବହନକାରୀ ମାର୍ଗ ହର୍ମୁଜ ପ୍ରଣାଳୀ ବନ୍ଦ ରହିଥିବାବେଳେ ଭାରତରେ ଏଲପିଜି ନେଇ ପହଞ୍ଚିଛି ଆଉ ଏକ ଜାହାଜ 'ଜଗ୍ ବସନ୍ତ' ।

ଇରାନ ଉପରେ ଆମେରିକା-ଇସ୍ରାଏଲର ବଡ଼ ଆକ୍ରମଣ :

କୋମ୍‌ରେ ୬ ମୃତ

ତେହେରାନ୍,୨୭/୩: ଇରାନ ଉପରେ ଆମେରିକା ଓ ଇସ୍ରାଏଲ ଜୋରଦାର ଆକ୍ରମଣ ଜାରି ରଖିଥିବାବେଳେ ତେହେରାନ୍ ଓ କୋମ୍ ସିଟି ଉପରେ ଆକ୍ରମଣ କରିଛନ୍ତି । କୋମ୍ ସିଟିରେ ଆମେରିକା ଓ ଇସ୍ରାଏଲ ଆକ୍ରମଣରେ ଅତିକମ୍‌ରେ ୬ ଜଣଙ୍କର ମୃତ୍ୟୁ ହୋଇଛି ବୋଲି ଇରାନର ଫାରସ ନ୍ୟୁଜ ଏଜେନ୍ସି ପକ୍ଷରୁ କୁହାଯାଇଛି । ଆକ୍ରମଣରେ କେତେ ଲୋକ ଆହତ ହୋଇଛନ୍ତି ଜଣାପଡ଼ିନାହିଁ ବୋଲି କୋମ୍‌ର ଡେପୁଟି ଗଭର୍ନର କହିଛନ୍ତି । ସେହିପରି ତେହେରାନର ଆବାସିକ ଅଞ୍ଚଳ ଉପରେ ଆକ୍ରମଣ ହୋଇଥିବା ତସନିମ୍ ନ୍ୟୁଜ ଏଜେନ୍ସି ପ୍ରକାଶ କରିଛି । ଆକ୍ରମଣ ହୋଇଥିବା ସ୍ଥାନରେ ଦମକଳ ବାହିନୀ ଦେଖାଯାଇଛି । ଅଲ୍ ଜଜିରା ରିପୋର୍ଟ ଅନୁଯାୟୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶାନ୍ତି ଆଲୋଚନା କଥା କହୁଥିବାବେଳେ ଗୁରୁବାର ଇରାନର ୯ଟି ସହର ଉପରେ ଆକ୍ରମଣ ହୋଇଛି । ମଙ୍ଗଳବାର ଇରାନର ବୁଶେହର ପରମାଣୁ ଶକ୍ତିକେନ୍ଦ୍ର ଉପରେ ଆକ୍ରମଣ ପରେ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ)ର ନିର୍ଦ୍ଦେଶକ ଜେନେରାଲ ରାଫେଲ ଗ୍ରୋସି ରେଡିଓଲଜିକାଲ୍ ଦୁର୍ଘଟଣା ନେଇ ଚିନ୍ତା ପ୍ରକାଶ କରିଛନ୍ତି । ଏହାଦ୍ୱାରା ଇରାନର ବିଶାଳ ଅଞ୍ଚଳ ସହିତ ଅନ୍ୟ ସ୍ଥାନରେ ମଧ୍ୟ ପ୍ରଭାବ ଦେଖାଯିବ ବୋଲି ଗ୍ରୋସି କହିଛନ୍ତି । ଅନ୍ୟପକ୍ଷରେ ଗୁରୁବାର ଟ୍ରମ୍ପ ଆମେରିକା ଇରାନ ଉପରେ ୧୦ ଦିନ ପାଇଁ ଆକ୍ରମଣ କରିବ ନାହିଁ ବୋଲି କହିବା ସହିତ ଏପ୍ରିଲ ୬ ପର୍ଯ୍ୟନ୍ତ ସମୟ ସୀମା ଘୁଞ୍ଚାଇ ଦେଇଛନ୍ତି ।

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar

(Near Collectorate, Dist. Keonjhar, Phone / Fax: (06767) 255016

Email: utkalsamachar@gmail.com, Mob: 9437086122

ଡାକ୍ତର ସଞ୍ଜୀବ କୁମାର ଓତା ସମ୍ବର୍ଦ୍ଧିତ

କେନ୍ଦୁଝର,୨୭/୩(ନି/ପ୍ର) : କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ଦାନ୍ତ ମହାବିଦ୍ୟାଳୟ,କିଟ୍ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ତରଫରୁ କିଡସ୍ ପ୍ରେକ୍ଷାଳୟରେ ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ କେନ୍ଦୁଝରର ସୁନାମଧନ୍ୟ ଦନ୍ତ ରୋଗ ବିଶେଷଜ୍ଞ ଡାକ୍ତର ସଞ୍ଜୀବ କୁମାର ଓତାଙ୍କୁ ତାଙ୍କର ସମାଜସେବା ପାଇଁ କିଟ୍ ର ପ୍ରତିଷ୍ଠାତା ଡ଼ ଅଚ୍ୟୁତ ସାମନ୍ତଙ୍କ ପରାମର୍ଶ କ୍ରମେ କିଡସ୍ ର ଡାଇରେକ୍ଟର ଡାକ୍ତର ଯୁଗଜ୍ୟୋତି ପାଠି ଓ ପ୍ରିନ୍ସିପାଲ ଡାକ୍ତର ସଙ୍ଗମେସ ଏନ.ସି. ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ ।ବରିଷ୍ଠ ଦାନ୍ତ ରୋଗ ବିଶେଷଜ୍ଞ ଡାକ୍ତର ସଞ୍ଜୀବ କୁମାର ଓତା ଅସହାୟ ଶିଶୁ ଏବଂ ଦିବ୍ୟାଙ୍ଗ ଶିଶୁ ମାନଙ୍କୁ ଓଡ଼ିଶା ସାରା ନିଜର ପ୍ରଚେଷ୍ଟା ଫଳରେ ନିୟମିତ ଭାବେ ସେମାନଙ୍କର ସେବା ଓ ସାହାଯ୍ୟ କରି ଆସୁଛନ୍ତି ।ଏହିଭଳି ନିଃସ୍ୱାର୍ଥପର ସେବା ମନୋଭାବ ପାଇଁ ଡାକ୍ତର ଓତାଙ୍କୁ ସମ୍ମାନିତ କରାଯାଇଛି ।ଏହି ସମ୍ବର୍ଦ୍ଧନା ଉତ୍ସବରେ ଓଡ଼ିଶାର ବିଭିନ୍ନ ଡ଼ାକ୍ତରୀ ମହାବିଦ୍ୟାଳୟରୁ ଶତାଧିକ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।ଏହି ଅବସରରେ ଡାକ୍ତର ଓତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।ଜିଲ୍ଲା ଏନସିସି ଜୁନିଅର କମାନଡ଼ିଂ ଅଫିସର ରୋଟାରିଆନ ବିଜୟ କୁମାର ବେହେରା ମଧ୍ୟ ବ୍ୟକ୍ତିଗତ ଭାବେ ଭେଟି ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

କାଳବୈଶାଖୀର ତାଣ୍ଡବ
ଉଡିଗଲା ବିଦ୍ୟାଳୟ ଛପର

କେଶଦୁରାପାଳ,୨୭/୩(ନି/ପ୍ର): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଂଚଳରେ କାଳବୈଶାଖୀର କରାଳ ତାଣ୍ଡବ ଦେଖିବାକୁ ମିଳିଛି । ଘଷିପୁରା ବ୍ଲକ୍ ଅନ୍ତର୍ଗତ ତ୍ରିଲୋଚନପୁର ଆଶ୍ରମ ବିଦ୍ୟାଳୟ ଛପର ଉଡି ଯାଇଥିବା ବେଳେ ଛାତ୍ରଛାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି । ସୂଚନାରୁ ପ୍ରକାଶ ଗୁରୁବାର ଦିନ ସାଢ଼େ ତିନିଟା ସମୟରେ ହଠାତ୍ ପ୍ରବଳ ପବନ ବହିବା ସହ ବର୍ଷା ପବନ ମାଡ଼ି ଆସିବା ସହ କୁଆପଥର ବୃଷ୍ଟି ହୋଇଥିଲା । ଏହି ସମୟରେ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନେ ଶ୍ରେଣୀ ଗୃହରେ ପାଠ ପଢୁଥିଲେ । ପବନ ମାଡ଼ି ଆସିବାରୁ ବିଦ୍ୟାଳୟର ଛପର ସମ୍ପୂର୍ଣ୍ଣ ଭାବେ ଉଡି ଯାଇଥିଲା । ଏହି ବିଦ୍ୟାଳୟକୁ ୨୦୨୩ ମସିହାରେ ୫ଟି ଯୋଜନାରେ ଏକ କୋଟିରୁ ଉର୍ଦ୍ଧ ବ୍ୟୟରେ ନିର୍ମାଣ ଓ ମରାମତି

କରାଯାଇଥିବା ବେଳେ କିପରି ଛପର ଉଡ଼ିଯାଇଛି ତାହା ତଦନ୍ତ ସପେକ୍ଷ । ଏଥି ସହିତ ଆନନ୍ଦପୁର ଅଂଚଳର କିଛି ସ୍ଥାନରେ ପବନରେ ଘରର ଛପର ଉଡ଼ାଇନେବା ସହ କିଛି ଘର ଉପରେ ଗଛ ଭାଙ୍ଗି ପଡିଛି । ରାସ୍ତା ଉପରେ ଗଛ ଭାଙ୍ଗି ପଡ଼ିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଆନନ୍ଦପୁର ବ୍ରିଜ୍ ଛକ ନିକଟରେ ଏକ ଗଛ ପଡ଼ି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ଆନନ୍ଦପୁର-ଭଦ୍ରକ ରାସ୍ତାର ଚୋରଗଡ଼ିଆ ଛକରେ ଏକ ବିରାଟ ଗଛ ଭାଙ୍ଗିପଡ଼ିବାରୁ ରାସ୍ତାର ଗୋଟିଏ ପାର୍ଶ୍ୱରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା ।

ଆଂଚଳିକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ

କେନ୍ଦୁଝର,୨୭/୩(ନି/ପ୍ର): କେନ୍ଦୁଝର ଡେଭଲପମେଂଟ ଟ୍ରଷ୍ଟ, ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ଓ ମୈଦାନକେଲ ପଂଚାୟତର ମିଳିତ ସହଯୋଗରେ ଆଂଚଳିକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ହେଲପେଜ ଇଣ୍ଡିଆ ଓ ଉଇୟର ମିନରାଲ ପ୍ରାଇଭେଟ ଲିମିଟେଡ଼ର ସହାୟତାରେ ଆୟୋଜିତ ଚକ୍ଷୁ ଶିବିରକୁ ସରପଂଚ ଶ୍ରୀ ଭାଗିରଥି ସିଙ୍ଗ ଉଦଘାଟନ କରିଥିଲେ । ବରିଷ୍ଠ ସମାଜସେବୀ ତଥା କେନ୍ଦୁଝର ନାଗରିକ ମଂଚର ଉପ ସଭାପତି ଶ୍ରୀ ଶ୍ରୀ ଭକ୍ତିବତ୍ସଳ ମହାନ୍ତିଙ୍କ ସଂଯୋଜନାରେ ଭୂମିକା ଚକ୍ଷୁ ଚିକିତ୍ସାଳୟ ରାଜ୍ୟ ପରିଚାଳକ ଶ୍ରୀ କର୍ଣ୍ଣାଟ କିଶୋର ଜେନା, ମଧୁସ୍ମିତା ମାଝୀ, ସ୍ୱାସ୍ଥ୍ୟ ସେବିକା ସରିତା ଜେନା, ସ୍ୱାସ୍ଥ୍ୟ ସଂଗଠକ ସରୋଜ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ୭୪ଜଣ ବୟସ୍କ ନାଗରିକଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ମୈଦାନକେଲ, ତାଳପଦା, ହରିହରପୁର, ବାସୁଦେବପୁର, କେରି, ଦେଉବନ୍ଧ, ଜଗନ୍ନାଥପୁର, ବଡ଼ପଣି, ଛେମୁଡିବିଲ ଆଦି ଗ୍ରାମରୁ ଆସିଥିବା ବରିଷ୍ଠ ନାଗରିକଙ୍କ ମଧ୍ୟରୁ ୧୮ ଜଣଙ୍କର ମୋତିଆବିନ୍ଦୁ ରୋଗ ଚିହ୍ନଟ କରାଯାଇଛି । ୧୦ ଜଣଙ୍କୁ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ଭୂମିକା ଚକ୍ଷୁ ଚିକିତ୍ସାଳୟକୁ ପ୍ରେରଣ କରାଯାଇଛି । ପ୍ରଗତି ଫାଉଣ୍ଡେସନର ସମ୍ପାଦିକା ରଞ୍ଜୁଲତା ମହାନ୍ତି, ଉପ ସଭାପତି କାଂଚନବାଳା ମହାନ୍ତି, କେନ୍ଦୁଝର ଡେଭଲପମେଂଟ ଟ୍ରଷ୍ଟର କୋଷାଧ୍ୟକ୍ଷ ସଂଜୀବ ପାଇକରାୟ, ଚେୟାରମ୍ୟାନ ଅଧିବକ୍ତା ଜଗଜିତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କେନ୍ଦୁଝର ଡେଭଲପମେଂଟ ଟ୍ରଷ୍ଟ ତରଫରୁ ଆବଶ୍ୟକ ରୋଗୀଙ୍କୁ ମାଗଣା ଚଷମା ବଂଟନ କରାଯାଇଛି ।

ଘଟଗାଁ ମିନି ଷ୍ଟାଡ଼ିୟମରେ ସମନ୍ୱିତ ଶିଶୁବିକାଶ ବିଭାଗ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର

ସାମ୍ବାଦିକ ସୁଶାନ୍ତ ପୋଥାଳ ଓଡ଼ିଏମଏମ ରାଜ୍ୟ ସମ୍ପାଦକ

ଭୁବନ,୨୭/୩(ନି/ପ୍ର): ଓଡ଼ିଶା ଡିଜିଟାଲ ମିଡିଆ ମହାସଂଘ (ଓଡ଼ିଏମଏମ) ରାଜ୍ୟ ସମ୍ପାଦକ ଭାବେ ଦୀର୍ଘ ୨୫ ବର୍ଷର ଅଭିଜ୍ଞତା ସମ୍ପନ୍ନ ବରିଷ୍ଠ ସାମ୍ବାଦିକ ତଥା ଢ଼େଙ୍କାନାଳ ଜିଲ୍ଲା 'ଭୁବନ ସାମ୍ବାଦିକ ସଂଘ'ର ସମ୍ପାଦକ ସୁଶାନ୍ତ କୁମାର ପୋଥାଳ ମନୋନୀତ ହୋଇଛନ୍ତି । ଗତ ମଙ୍ଗଳବର ବିଧାନସଭା ଗେଷ୍ଟ ହାଉସ ଠାରେ ଓଡ଼ିଏମଏମ ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ବରିଷ୍ଠ ସାମ୍ବାଦିକ ମନୋଜ ଶତପଥୀ ଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ଜିଲ୍ଲାର ପଦାଧିକାରୀ ମାନେ ଯୋଗଦେଇ ରାଜ୍ୟ କମିଟି ଗଠନ କରିଥିଲେ । ଢ଼େଙ୍କାନାଳ ଜିଲ୍ଲାରୁ ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ପୋଥାଳ ଙ୍କୁ ଓଡ଼ିଏମଏମ ରାଜ୍ୟ ସମ୍ପାଦକ ଭାବେ ଚୟନ/ମନୋନୀତ କରାଯାଇଥିଲା । ରାଜ୍ୟ ସଭାପତି ମନୋଜ ଶତପଥୀଙ୍କ ସମେତ ସମସ୍ତ ନବ ନିର୍ବାଚିତ ପଦାଧିକାରୀ ମାନଙ୍କୁ ଶ୍ରୀଯୁକ୍ତ ପୋଥାଳ ହାର୍ଦ୍ଦିକ ଅଭିନନ୍ଦନ , ଶୁଭେଚ୍ଛା ଜଣାଇବା ସହିତ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ଉତ୍କଳ କେଶରୀ ମହୋତ୍ସବର ଷଷ୍ଠ ସନ୍ଧ୍ୟା : କଣ୍ଠଶିଳ୍ପୀ ଜୟଶ୍ରୀ ଧଳ, ଜଲିୟୁଡ୍ ଅଭିନେତ୍ରୀ ସ୍ନେହାଶ୍ରୀଙ୍କ କମାଲ୍

ଭଦ୍ରକ,୨୭/୩(ନି/ପ୍ର): ଡ.ହରେକୃଷ୍ଣ ମହତାବ ନବ ଉତ୍କଳର ନିର୍ମାତା ଥିଲେ । ତାଙ୍କର ଦୂରଦ୍ରଷ୍ଟା ଓ ସ୍ୱପ୍ନଦର୍ଶୀ ପାଇଁ ସେ ଓଡିଶାର ଜନ ମାନସରେ ପରିଚିତ ମଣିଷ ଥିଲେ । ସେ ବହୁ ଗୁଣର ଅଧିକାରୀ ଥିବା ବେଳେ ପାରାଦୀପ ବନ୍ଦର,ହୀରାକୁଦ ନଦୀ ବନ୍ଧ, କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ହଦଗଡର ସାଳନ୍ଦୀ ନଦୀ ଉପରେ ବନ୍ଧ ନିର୍ମାଣର କରି ସଂପୃକ୍ତ ଅଂଚଳର ଚାଷ ଜମିକୁ ପାଣି ଯୋଗାଇବା ପରି ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ । ତାଙ୍କ ଅବଦାନରେ କଟକର କଳାବିକାଶ କେନ୍ଦ୍ର, ଆକାଶବାଣୀ କଟକ, ଭୁବନେଶ୍ୱରର ସଙ୍ଗୀତ ମହାବିଦ୍ୟାଳୟ, ସଂସ୍କୃତି ମଣ୍ଡପ ଆଦି ଓଡିଶାର ଅସ୍ମିତାକୁ ସୂଚାଉଛି । ୧୯୫୯ ମସିହାରେ ରାଜ୍ୟ ସଂଗ୍ରାହାଳୟର ଭିତି ପ୍ରସ୍ତର ସ୍ଥାପନ କରି ନଥାନ୍ତେ ତାହେଲେ ଓଡିଶାର ସଂସ୍କୃତି, ଅସ୍ମିତା,ପରମ୍ପରା ଆଜି ନଥାନ୍ତା ବୋଲି ବିଶିଷ୍ଟ ଲେଖିକା, ଗବେଷିକା ତଥା ରାଜ୍ୟ ସଂଗ୍ରାହାଳୟର ଅଧିକ୍ଷକ ଡ.ଭାଗ୍ୟଲିପି ମଲ୍ଲ ତ୍ରୟୋଦଶତମ ଉତ୍କଳ କେଶରୀ ଆଗରପଡା ମହୋତ୍ସବର ଷଷ୍ଠ ଦିବସର ସାଂସ୍କୃତିକ ମଂଚରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ । ମହୋତ୍ସବ କମିଟିର ସମ୍ପାଦକ ବରିଷ୍ଠ ସାମ୍ବାଦିକ ହେମନ୍ତ ସିଂହଙ୍କ ମଚଂ ସଂଚାଳନରେ ସଭାକୁ ବରିଷ୍ଠ ଆଇନଜିବୀ ମନୋଜ ରାୟ ସଭାପତିତ୍ୱ କରିଥିଲେ । ବିଶିଷ୍ଟ ଅତିଥି ଭାବେ କଣ୍ଠଶିଳ୍ପୀ ଜୟଶ୍ରୀ ଧଳ ମହତାବଙ୍କ ଜନ୍ମ ମାଟିରେ ପାଦ ଥାପିବା ପରମ ସୌଭାଗ୍ୟ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ଦିଲ୍ଲୀପ ଦାସ ପ୍ରତ୍ୟେକ ବର୍ଷ ଏଠାକୁ ଆସି ଦୁଇ ପଦ କଥା ରଖିବାର ସୌଭାଗ୍ୟକୁ ନେଇ କମିଟିକୁ ସାଧୁବାଦ ଜଣାଇଥିଲେ । ସମ୍ମାନିତ ଅତିଥି ସମାଜସେବୀ ରବିନ୍ଦ୍ର ରାୟ, ଯାତ୍ରା ରାଜନନ୍ଦିନୀ ପ୍ରଯୋଜକ ଇଂ. ସ୍ମୃତି ରଞ୍ଜନ ପଲାଇ, କମିଟି ଉପ-ସଭାପତି ଅବିନାଶ ପଣ୍ଡା, ସଭାରେ ମୁଖ୍ୟ ଆକର୍ଷଣ ଜଲିୟୁଡ୍ ନାୟିକା ମିସ୍ ସ୍ନେହାଶ୍ରୀ ପ୍ରମୁଖ ଯୋଗଦେଇ ମହତାବଙ୍କ ପାଇଁ ମାଟିର ବାସ୍ନା ସ୍ୱତନ୍ତ୍ର କହି ଦୀର୍ଘ ୧୩ ବର୍ଷ ଧରି ତାଙ୍କ ନାମରେ ମହୋତ୍ସବ ପାଳନ ଅନେକ ସ୍ମୃତି ଅନୁଭୂତି ସାଉଁଟିଛି ବୋଲି କହିଥିଲେ । କମିଟି ଉପଦେଷ୍ଟା କୈଳାସ ଚନ୍ଦ୍ର ଧଳ,ଗୋଲକ ପୃଷ୍ଟି,ରତ୍ନାକର ନାୟକ,ସୁବୋଧ କୁମାର ସାହୁ, ସହ-ସମ୍ପାଦକ ଗଦାଧର ବେହେରା,ନମିତା ବେହେରାଙ୍କ ତତ୍ତ୍ୱାବଧାନରେ ନୃତ୍ୟଗୁରୁ ପୁଷ୍ପମିତ୍ରା ବେହେରା, କଣ୍ଠଶିଳ୍ପୀ ଶଶିକଳା ମିଶ୍ର, ବିଶମ୍ବର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସାଇନୃତ୍ୟ କଳା ଏକାଡେମିର ଛାତ୍ରୀ ମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ଜଲିୟୁଡ୍ ନାୟିକା ସ୍ନେହାଶ୍ରୀଙ୍କ ଯାତ୍ରା ସଂଳାପ ଓ ନୃତ୍ୟ ସାଙ୍ଗକୁ ବିଶିଷ୍ଟ କଣ୍ଠଶିଳ୍ପୀ ଜୟଶ୍ରୀ ଧଳଙ୍କ 'ପାଉଁଜି ମୋ ହଜିଗଲା ଗାଧୁଆ ତୁଠରେ' ଓ ଓଡିଆ ଅସ୍ମିତା ଗୀତରେ ଦର୍ଶକ ଭରପୁର ମଜ୍ଜା ଉଠାଇଥିଲେ । କାର୍ଯ୍ୟକ୍ରମକୁ ମାମୁନି ସିଂହ, ନିହାର ରଞ୍ଜନ ସାହୁ, ଚିତ ରଞ୍ଜନ ଦାସ,ସୁଦର୍ଶନ ସିଂହ,ଦୀପକ ପୁରୀ, ପ୍ରତିମା ସାହୁ,କରନ କୁମାର ଜେନା, ନିତ୍ୟାନନ୍ଦ ସିଂହ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ସାଇନୃତ୍ୟ ପକ୍ଷରୁ ସ୍ମୃତି ରେଖା ସେଠୀ, ଅଭିଲିପ୍ସା ଦାସ, ରେସେଲିନା ପଣ୍ଡା, ଆଲିସା ମହାନ୍ତି, ମନିଷା ସାହୁ, ଦ୍ୟୁତିରୂପା ବେହେରା, ନିକିତା ଚାନ୍ଦ, ଆଦ୍ୟାଶା ନାୟକ, ମାହେଶ୍ୱରୀ ମହାନ୍ତି, ମନିଷା ସାହୁ, ରାଜ ନନ୍ଦିନୀ ଚାନ୍ଦ, ଅରୁନ୍ଧତୀ ନାୟକ, ମିସ୍ ସୋନକ୍ଷି, ବିଦ୍ୟୁସ୍ମିତା ସେଠୀ, ଆଦ୍ୟାଶା ରାଣି ବେହେରା, ଶ୍ରୀଷ୍ଟି ମିଶ୍ର, ଅଭିଲିପ୍ସା ମହାନ୍ତି, ଦେବଶ୍ରୀ ନାୟକ,ଶୁଶ୍ରୀ ଅନୁଷ୍କା ଦାସଙ୍କ ଦ୍ୱାରା ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ହୋ ସମ୍ପ୍ରଦାୟର ପାରମ୍ପରିକ ମାଗେ ପର୍ବ ଉଦ୍ଯାପିତ

କେନ୍ଦୁଝର,୨୭/୩(ନି/ପ୍ର): ସେରେଣ୍ଡା ଗ୍ରାମ ପଂଚାୟତ କାଶିଆ 'କ' ଗ୍ରାମରେ ହୋ ସମ୍ପ୍ରଦାୟର ପାରମ୍ପରିକ ମାଗେ ପର୍ବ ଉଦଯାପିତ ହୋଇଛି । କାଶିଆ 'କ' ମା ବୁରୁ ଯୁବକ ସଙ୍ଘ ଆନୁକୂଲ୍ୟରେ ଏହି ମାଗେ ପର୍ବ ପାଳିତ ହୋଇଥିଲା । ହୋ ସମ୍ପ୍ରଦାୟ ର ଆରାଧ୍ୟ ଦେବତା ମାରାଂ ବୁରୁ ଙ୍କୁ ପୂଜାର୍ଚ୍ଚନା କରାଯିବା ସହିତ ପାରମ୍ପରିକ ରୀତିରେ ପାଳନ କରାଯାଇଥିଲା । ଚାରି ଦିନ ଧରି ପାଳନ କରାଯାଇଥିବା ଏହି ମାଗେ ପର୍ବ ଉତ୍ସବ ରେ ପାରମ୍ପରିକ ଆଦିବାସୀ ନୃତ୍ୟ ସହିତ ବିଭିନ୍ନ ଖେଳାକୁଦ ପ୍ରତିଯୋଗିତା ର ଆୟୋଜନ କରାଯାଇଥିଲା । ୨୪ ତାରିଖ ଉଦଯାପନୀ ଉତ୍ସବ ରେ ପୂର୍ବତନ ବଡ଼ବିଲ ପୌରାଧକ୍ଷ ଦିଲ୍ଲୀପ ମିଶ୍ର ମୁଖ୍ୟ ଅତିଥି,ସେରେଣ୍ଡା ସରପଂଚ ସସ୍ମିତା ସିଦୁ, ସମିତି ସଭ୍ୟ ଶଙ୍କର ଚାତମ୍ବା, କାଶିଆ ଜେ ଏସ୍ ପି ଏଲ୍ ଖଣି କମ୍ପାନୀ ର ଲୋକ ସମ୍ପର୍କ ଅଧିକାରୀ ମନୋଜ ମହାନ୍ତି ସଂମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମଂଚାସିନ ଅତିଥି ଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଉତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ମା ବୁରୁ ମାଗେ ପର୍ବ ପାଳନ କମିଟି ପକ୍ଷରୁ ଆଂଚଳିକ ସାମ୍ବାଦିକ ଭାବେ କେନ୍ଦୁଝର ଟାଇମସ୍ ବଡ଼ବିଲ ପ୍ରତିନିଧି ଅଶୋକ ମହାନ୍ତି ଓ ସାମ୍ବାଦିକ ଗଣେଶ୍ୱର ପାତ୍ର ଙ୍କୁ ସଂମ୍ମାନିତ କରାଯାଇଥିଲା । ମା ବୁରୁ ମାଗେ ପର୍ବ ପାଳନ କମିଟି ର ସଭାପତି ବାବୁ ମୁଣ୍ଡା, ସମ୍ପାଦକ ସରୋଜ ବାନର ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଜମରସୁଆଁ ଗ୍ରାମ ପଂଚାୟତରେ ପୋଲିସ-ଜନସାଧାରଣ ସମ୍ମିଳନୀ

ପୁରୀ,୨୭/୩(ନି/ପ୍ର): ସଦର ଥାନା ଅଧୀନ ଜମରସୁଆଁ ଗ୍ରାମ ପଂଚାୟତରେ ବୁଧବାର ଦିନ ପୋଲିସ-ଜନସାଧାରଣ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ସଦର ଥାନା ଅଧିକାରୀ ଅନଖା କେ. ବିଜୟାଙ୍କ ନେତୃତ୍ୱରେ ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା । ସଭାର ମୂଳ ଉଦ୍ଦେଶ୍ୟ ଥିଲା ଅଂଚଳରେ ଆଇନ-ଶୃଙ୍ଖଳାକୁ ଆହୁରି ସୁଦୃଢ଼ କରିବା ସହିତ ସାଧାରଣ ଲୋକମାନଙ୍କୁ ବିଭିନ୍ନ ସାମାଜିକ ଓ ଆଇନଗତ ବିଷୟରେ ସଚେତନ କରିବା । ସଭାରେ ଅବୈଧ ମଦ ତିଆରି, ଚାଲାଣ ଓ ବିକ୍ରୟକୁ କଠୋର ଭାବେ ଦମନ କରିବା ବିଷୟରେ ଆଲୋଚନା କରାଯାଇଥିଲା । ପୋଲିସ ପକ୍ଷରୁ ଗ୍ରାମବାସୀମାନଙ୍କୁ ଏହା ସମ୍ପର୍କିତ କୌଣସି ସୂଚନା ମିଳିଲେ ତୁରନ୍ତ ଜଣାଇବାକୁ ଅନୁରୋଧ କରାଯାଇଥିଲା । ଯାହା ଫଳରେ ଅଂଚଳରେ ଅପରାଧକୁ ଶୀଘ୍ର ରୋକାଯାଇପାରିବ । ଏହା ସହିତ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ବିଷୟକୁ ସଭାର ଏକ ପ୍ରାଥମିକତା ଭାବେ ଧରାଯାଇଥିଲା । ନିର୍ଭୟ ଓ ସୁରକ୍ଷିତ ପରିବେଶ ସୃଷ୍ଟି ପାଇଁ ସମସ୍ତଙ୍କ ସଚେତନତା ଓ ସହଯୋଗ ଅତ୍ୟନ୍ତ ଆବଶ୍ୟକ ବୋଲି ଉଲ୍ଲେଖ କରାଯାଇଥିଲା । ଏହା ସହିତ ସାଇବର ଅପରାଧ ଦିନକୁ ଦିନ ବୃଦ୍ଧି ପାଉଥିବା ପରିପ୍ରେକ୍ଷିତରେ ଲୋକମାନଙ୍କୁ ବିଭିନ୍ନ ପ୍ରକାରର ଅନଲାଇନ୍ ଠକେଇ, ଫ୍ରଡ୍ କଲ୍, ଓଟିପି ଶେୟରିଂ ଇତ୍ୟାଦି ସମ୍ପର୍କରେ ସଚେତନ କରାଯାଇଥିଲା । ଅଜଣା ବ୍ୟକ୍ତିଙ୍କ ସହିତ ବ୍ୟାଙ୍କ ସମ୍ପର୍କିତ ସୂଚନା ବାଂଟିବାରୁ ବିରତ ରହିବାକୁ ଏବଂ କୌଣସି ସନ୍ଦିଗ୍ଧ କଲ୍ ବା ଲିଙ୍କ ପାଇଲେ ସତର୍କ ରହିବାକୁ ସଦର ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଥିଲା ।ସଭାରେ ନୂତନ ଆଇନ ସମ୍ପର୍କିତ ପ୍ରଚାର ମଧ୍ୟ କରାଯାଇଥିଲା । ଲୋକମାନଙ୍କୁ ସମ୍ପ୍ରତି ଲାଗୁ ହୋଇଥିବା ବିଭିନ୍ନ ଆଇନ ଓ ତାହାର ପ୍ରଭାବ ସମ୍ପର୍କରେ ସରଳ ଭାଷାରେ ବୁଝାଇ ଦିଆଯାଇଥିଲା, ଯାହା ଦ୍ୱାରା ସେମାନେ ଆଇନ ସଚେତନ ହୋଇପାରିବେ ଏବଂ ନିଜ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଜାଣିପାରିବେ ।

ବିଜେଡିକୁ ବାହୁଡ଼ିଲେ ରଘୁନାଥ ଓ ଜୀବନପ୍ରଦୀପ

ଭୁବନେଶ୍ୱର,୨୭/୩(ନି/ପ୍ର): ବାଲେଶ୍ୱର ଜିଲ୍ଲାର ଦୁଇ ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସଙ୍କ ବିଜୁ ଜନତା ଦଳ (ବିଜେଡି)କୁ ଫେରିଛନ୍ତି । ଆଜି ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି । ଏହି ଅବସରରେ ଉଭୟଙ୍କୁ ସ୍ୱାଗତ କରିବା ସହ ଜିଲ୍ଲାରେ ସାଂଗଠନିକ କାର୍ଯ୍ୟ ବ୍ୟାପକ କରିବାକୁ ପରାମର୍ଶ ଦେଇ ନବୀନ ପଟ୍ଟନାୟକ ନିଜର ପ୍ରତିକ୍ରିୟାରେ କହିଛନ୍ତି, ଦୁଇ ନେତାଙ୍କ ଯୋଗଦାନ ଦ୍ୱାରା ବିଜେଡି ବାଲେଶ୍ୱର ଜିଲ୍ଲାରେ ଆହୁରି ମଜବୁତ ହେବ । ଅପରପକ୍ଷରେ, ବିଜେଡିରେ ସେମାନଙ୍କୁ ଗ୍ରହଣ କରିଥିବାରୁ ଶ୍ରୀ ମହାନ୍ତି ଓ ଶ୍ରୀ ଦାସ ଦଳ ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ । ଜିଲ୍ଲାର ଆଠ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ସହ ବଡ଼ସାହି ନିର୍ବାଚନ ମଣ୍ଡଳୀରେ ବିଜେଡିକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ସେମାନେ କାମ କରିବେ ବୋଲି ଘୋଷଣା କରିଥିଲେ । ଏହି ମିଶ୍ରଣ ପର୍ବରେ ବିଜେଡି ଉପ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ବରିଷ୍ଠ ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟକ ଗଣ ପ୍ରତାପ କେଶରୀ ଦେବ, ଅଶ୍ୱିନୀ ପାତ୍ର, ଅରୁଣ ସାହୁ, ମାଧବ ଧଡା, ଗୌତମ ବୁଦ୍ଧ ଦାସ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ଜ୍ୟୋତିରଞ୍ଜନ ପାଣିଗ୍ରାହୀ, ପୂର୍ବତନ ବିଧାୟକ ସ୍ୱରୂପ ଦାସ, ସୁକାନ୍ତ ନାୟକ, ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଓ ଭୃଗୁ ବକ୍ସିପାତ୍ରଙ୍କ ସମେତ ଜିଲ୍ଲାର ବିଜେଡି ନେତୃବୃନ୍ଦ ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ । ସୂଚନା ଯୋଗ୍ୟ ଯେ ଶ୍ରୀ ରଘୁନାଥ ମହାନ୍ତି ପୂର୍ବରୁ ବିଜେଡି ସରକାରରେ ଦୀର୍ଘ ଦିନ ଧରି ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ପରେ ଉଭୟ ବିଜେପିରେ ଯୋଗ ଦେଇଥିଲେ । ନିକଟରେ, ବାଲେଶ୍ୱରର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ବିଜେପିରୁ ଇସ୍ତଫା ଦେଇଥିଲେ ।

ବ୍ଲକସ୍ତରୀୟ ସାଧାରଣଜ୍ଞାନ ପ୍ରତିଯୋଗିତାରେ ଅବ୍ୟବସ୍ଥା !

ଚମ୍ପୁଆ,୨୭/୩(ନି/ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକସ୍ତରୀୟ ସାଧାରଣଜ୍ଞାନ ପ୍ରତିଯୋଗିତା ଅବ୍ୟବସ୍ଥା ମଧ୍ୟରେ ସମ୍ପୂର୍ଣ୍ଣ ହୋଇଥିବାବେଳେ ଏହାକୁ ନେଇ ଛାତ୍ର, ଛାତ୍ରୀ ଓ ଅଭିଭାବକ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଥିଲା । ଖବର ଅନୁସାରେ, ଚମ୍ପୁଆ ବ୍ଲକ ଶିକ୍ଷା ବିଭାଗ ଦ୍ୱାରା ଗତ ୨୩ ତାରିଖ ଦିନ ଚମ୍ପୁଆ ବ୍ଲକ ସ୍ତରୀୟ ସାଧାରଣଜ୍ଞାନ ପ୍ରତିଯୋଗିତା ବ୍ରହ୍ମପୁର କରଞ୍ଜିଆ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇ ଯାଇଛି । ତେବେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ସକାଳ ଆଠ ଟା ସମୟରେ ରିପୋର୍ଟିଂ ଏବଂ ନଅ ଟା ସମୟରୁ ପରୀକ୍ଷା ହେବା ନିମନ୍ତେ ସୂଚନା ପ୍ରଦାନ କରାଯାଇଥିଲା । ସମସ୍ତ ଅଭିଭାବକ ନିଜ ନିଜ ପିଲାଙ୍କୁ ନେଇ ସକାଳ ଆଠଟା ବେଳେ ବିଦ୍ୟାଳୟରେ ପହଂଚିଥିବାବେଳେ ଶିକ୍ଷକ ମାନେ ମଧ୍ୟ ବିଦ୍ୟାଳୟରେ ଉପସ୍ଥିତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ବ୍ଲକ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଁସଦା, ସମ୍ମାନୀତ ଅତିଥିଭାବେ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ତଥା ବିଆରସିସି ସୁମିତ ତ୍ରିପାଠୀ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ନରେନ୍ଦ୍ର କୁମାର ନାଏକ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ମୁକୁନ୍ଦ ଚରଣ ସାହୁ, କରଞ୍ଜିଆ ସରପଂଚ ସୁପ୍ରିୟା ମୁଣ୍ଡା, ପଂଚାୟତ ସମିତି ସଭ୍ୟ ଚନ୍ଦ୍ର ମୋହନ ନାଏକ ପ୍ରମୁଖ ଯୋଗ ଦେବା ନିମନ୍ତେ ପୂର୍ବ ପ୍ରସ୍ତୁତି ରହିଥିବା ବେଳେ ପରୀକ୍ଷା ଶୁଭାରମ୍ଭ ନିମନ୍ତେ ଦୀର୍ଘ ଦୁଇ ଘଂଟାରୁ ଉର୍ଦ୍ଧ ସମୟଧରି କୌଣସି ଶିକ୍ଷା ଅଧିକାରୀଙ୍କର ଦେଖା ମିଳି ନ ଥିଲା । ଏମିତିକି କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ସିଆରସିସି ଙ୍କ ର ମଧ୍ୟ ବିଦ୍ୟାଳୟରେ ପାଦ ପଡି ନ ଥିଲା । ତେବେ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ତଥା ବିଆରସିସି ସୁମିତ ତ୍ରିପାଠୀ ବିଦ୍ୟାଳୟରେ ଉପସ୍ଥିତ ଥାଇ ମଧ୍ୟ କାର୍ଯ୍ୟାଳୟ ଭିତରୁ ବାହାରକୁ ବାହାରି ନ ଥିବା ସହିତ ବ୍ଲକ ଶିକ୍ଷା ଅଧିକାରୀ ନ ଆସିଲେ କିଛି ହେବନାହିଁ କହି କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇ ନ ଥିଲେ କି ପିଲାଙ୍କ ପାଇଁ କୌଣସି ଜଳଖିଆ ବ୍ୟବସ୍ଥା ମଧ୍ୟ କରି ନ ଥିଲେ । ଫଳରେ ଛାତ୍ର, ଛାତ୍ରୀ ମାନେ ଦୀର୍ଘ ସମୟଧରି ଭୋକ ଓପାସରେ ପରୀକ୍ଷା ଦେବା ପାଇଁ ଅଧିକାରୀଙ୍କୁ ଅପେକ୍ଷା କରିଥିବା ବେଳେ ଏହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ପରେ ପ୍ରାୟ ଦଶ ଟା ତିରିଶି ମିନିଟ ବେଳକୁ ଜଣେ ଜଣେ ଅଧିକାରୀ ଆସି ପହଂଚିବା ପରେ କାର୍ଯ୍ୟକ୍ରମ ଆଗକୁ ବଢିଥିଲା । ତେବେ ଅଧିକାରୀ ମାନେ ଛାତ୍ର ଛାତ୍ରୀଙ୍କୁ ଆଠଟା ବେଳୁ ଡାକି ଦେଇ ଦୀର୍ଘ ସମୟ ଧରି କାହିଁକି କେହି ଆସି ନ ଥିଲେ ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଖୋଦ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଘର ପଛପଟେ ଯଦି ଶିକ୍ଷା ଅଧିକାରୀଙ୍କ ଏହିପରି ମନମାନି ବେପରୁଆ କାର୍ଯ୍ୟ ବ୍ୟବସ୍ଥା ତେବେ ଅନ୍ୟ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା କଣ ହେଉଥିବ ବୋଲି ସାଧାରଣରେ ଆଲୋଚନା ଜୋର ଧରିଥିଲା । ଅନ୍ୟପକ୍ଷେ ବିଦ୍ୟାଳୟରେ ପରୀକ୍ଷା ବିଳମ୍ବ ହେତୁ ଛାତ୍ର, ଛାତ୍ରୀ ଭୋକ ଉପାସରେ ଆଉଟୁ ପାଉଟୁ ହୋଇ ରହିଥିବା ବେଳେ ବିଭାଗ ପକ୍ଷରୁ କରାଯାଇଥିବା ଅନ୍ୟାନ୍ୟ କାର୍ଯ୍ୟକ୍ରମ ସବୁ ମଧ୍ୟ ବିଳମ୍ବ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ ଅଭିଭାବକ, ଶିକ୍ଷକ ସମସ୍ତଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା ହୋଇଥିବା ବେଳେ ସେଥିରେ ମଧ୍ୟ ଅବ୍ୟବସ୍ଥା ରହିଥିବା ଆଲୋଚନାର ବିଷୟ ପାଲଟିଥିଲା । ଏ ସମ୍ପର୍କରେ ଦାୟିତ୍ୱରେ ଥିବା ସିଆରସିସିଙ୍କୁ ପଚାରିବାରୁ ବିଳମ୍ବ ଜନିତ ଅବ୍ୟବସ୍ଥାକୁ ଶିକାର କରିଥିବା ବେଳେ ମୁଁ ଅନୁପସ୍ଥିତ ଥିବାରୁ ଅଧିକ କିଛି ଜାଣି ନାହିଁ ବୋଲି କହିଥିଲେ । ତେଣୁ ଏହା ଉପରେ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସାଧାରଣରେ ଦାବୀ ହେଉଛି ।

ବିବିଧା

ରାଶିଫଳ

ମେଷ: ବ୍ୟବସାୟରେ ଆଶାତୀତ ପରିଣାମ ମିଳିବ ନାହିଁ। ପୁରୁଣାରେ ନୂଆତ୍ୱ ପରିବେଷିତ ହେବ। ଅଧିକ ଚିନ୍ତି ଉଚ୍ଚ ରହିବା କଥୁଲ ସହଯୋଗ ମିଳିବ। କଳାରାମ୍ଭକୁ ଚିନ୍ତା ବୃଦ୍ଧି ହେବ।

ବୃଷ: ଯାତ୍ରା ଯୋଗ ଅଛି। ଯାବତୀୟ ଜିନିଷରେ ବୃଦ୍ଧିରେ ବୃଦ୍ଧିରୁ। ଜାତ୍ରୁଅଞ୍ଚଳୀ ମଧ୍ୟସ୍ଥତା କାର୍ଯ୍ୟରେ ସମୟ ଅତିବାହିତ ଜରିବେ। ବନ୍ଧୁଙ୍କ ସହ ମତାନାନ୍ତିକ୍ୟ ଦେଖାଯା ହେବ।

ମିଥୁନ: ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରୁ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

କର୍କଟ: ଅତିଥିରେ ଜାର୍ଯ୍ୟାଳୟ ବଢ଼ିବ। ଯୌଥିକି କାର୍ଯ୍ୟରେ ସଫଳତା ଦେଖା ହେବ। ଦିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ଦିବ୍ୟାର୍ଥୀ ହୃତ୍ସାର୍ଥୀ ହେବେ।

ସିଂହ: ଚାକିରିରେ ସପଟତା ମିଳିବ। ଜାତ୍ରୁଅଞ୍ଚଳୀଙ୍କ ସହଯୋଗ ମିଳିବ। ଜାତାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଜାଙ୍ଗଠ୍ୟ ଜାନିକ ପୃଷ୍ଠାମାୟରେ।

କନ୍ୟା: ଜାକିରିକୁ ନେଇ ଜୌଣସି ଜମସ୍ୟା ଦେଖା ଦେବ। ଚାକିରିଜିଳ ଜାତର ସୁଯୋଗ ହେବ। ଘରେ ପୂଜାପାଠ ଆୟୋଜନ ହରିବେ। ଆୟରେ କୃଦ୍ଧି ଅବସର ପ୍ରସ୍ତୁତ ହେବ।

ତୁଳା: ଦିନଟି ମିଶ୍ରଣାତ୍ମକ ପ୍ରମାଣ ହରିବ। ଆର୍ଥିକ ସ୍ଥିତି ମଜବୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ଜାତ୍ରୁଅଞ୍ଚଳୀରେ ସଫଳତା ମିଳିବ। ଛାତ୍ରଛାତ୍ରୀ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

ବିଛା: ଆୟରି ଓ ବ୍ୟୟ ଷ୍ଟେତ୍ରରେ ସଫଳତା ମିଳିବ। ଅପିସରେ ଦରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଦେବାଦରେ ଟାକଟ ପ୍ରସ୍ତାବାରିରେ ରହିବ। ବିବ୍ୟାର୍ଥୀ ପରୀକ୍ଷାରେ ମନୋନିବେଶ କରିବେ।

ଧନୁ: ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ଦୁଇଜାରା ବ୍ୟୟ ଅଧିକ ହେବ। ଜଥାରେ ମଧ୍ୟସ୍ଥତା ରକ୍ଷା କରିବେ। ବାଙ୍ଗଠ୍ୟ ବାହାରେରେ ପିରୁଆ ଦେଖା ହେବ।

ମକର: ବିବାଦରେ ଜର୍ନଳଷ୍ଟ କରିବେ। ଛାତ୍ରଛାତ୍ରୀ ଜଟିନ ମରିଶ୍ରମ କରିବେ। ପରୀକ୍ଷାଳୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ଟ୍ରେନ ଯତ୍ରୁକ ସୁଖକର ହେବ।

କୁମ୍ଭ: ବ୍ୟବସାୟରୁ ନେରୁ ବୃଦ୍ଧିଯାନ୍ତୁ ଯାତ୍ରା ହରିବେ। ନିବେଶରୁ ବୃଦ୍ଧିରୁ ବୃଦ୍ଧିରୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟରୁ ଯୋଗ ଅଛି।

ମୀନ: ଚାକିରିସ୍ଥଳି ଷ୍ଟେତ୍ରରେ ସଫଳତା ମିଳିବ। ପେତୃକ ସମ୍ପତ୍ତିରୁ ଲାଭ ମିଳିବ। ମନ ଜନ ଚୋରପରେ। ଛାତ୍ରଛାତ୍ରୀ ମନୋଜୋଗିନ ବାର୍ଯ୍ୟରେ ସମୟ ଅତିବାହିତ କରିବେ।

ପିଲାଙ୍କୁ ସୁରକ୍ଷା ଦେବ ସ୍ମାର୍ଟ ଜୋତା

ଚିତାର ସ୍ପତରେ ଏବେ ଯେଉଁଠି ପ୍ରତ୍ୟେକ ଦିନିଷ ସ୍ମାର୍ଟ ହେଇଗାଇଛି ସେଠାରେ ପିଲାଙ୍କ ଜୋତା ବି ଟେକ୍‌ନୋଲୋଜି ସହିତ ଜଡ଼ିତ ହେଇଯାଇଛି। ଏହି ଜୁତାଗୁଡ଼ିକ ଜଲ୍ଲପୁରର 'ଷ୍ଟେପ୍‌ଟ୍ରେୟାର' ଜମାଜି ୫-୧୫ ବର୍ଷ ବୟସର ପିଲାଙ୍କ ପାଇଁ ଏକ ଏଆଇ ସ୍ମାର୍ଟ ଜୋତା ଡିଆଇ କରିଛି। ଏହି ଜୋତାର ମୁଖ୍ୟ ଜଦ୍ଦେଶ୍ୟ ହେଉଛି, ପିଲାଙ୍କ ସୁରକ୍ଷାକୁ ଅଧିକ ବୃଦ୍ଧିରୁ କରିବା। ଆଜିକାଲି କାପାନାମାଆ ଜଞ୍ଚଳର ନାର୍ଜିକାଜୀ ହୋଇଯିବାକୁ ପିଲାମାନେ ଘୁର, ଘୁଲ୍ଲବା ଦିଗୁ ଖେଳିବା ପାଇଁ ବାହାରକୁ ଯାଇଥାନ୍ତେ ସେମାନେ ବେଳିଠି ଅଛନ୍ତି ତାହା ଜାଣିବା ବ୍ୟସ୍ତର ହୋଇଥାଏ। ଏହିପାଇଁ ଅଭିଭାବକମାନେ ଚିନ୍ତାରେ ରୁହନ୍ତି। ଏହାକୁ ଦୃଷ୍ଟିରେ ରଖି ଏହି ସ୍ମାର୍ଟ ଜୋତାକୁ ଡିଜାଇନ୍ କରାଯାଇଛି। ଏହି ଜୋତା ଲୋକେସନ୍ ଟ୍ରାକିଂର ସୁବିଧା ପ୍ରଦାନ କରେ। ଫଳରେ ବାପାମାଆମାନେ ପିଲାଙ୍କ ଜାରଲ୍ ଲୋକେସନ୍‌କୁ ପ୍ରତି ସମୟରେ ମୋବାଇଲ୍‌ରେ ଦେଖିପାରିବେ। ଫଳରେ ସେମାନଙ୍କ ପିଲା ସୁରକ୍ଷିତ ଅଛି ବୋଲି ଆଶ୍ୱସ୍ତ ହୋଇପାରିବେ। ଜେଫିପରି ଜୋତା ଭିତରେ ଏକ ଜିପିଏସ୍ ଟ୍ରାକର୍ ଲାଗିଛି। ସାହାଜି ଜଲାବାର ଲୋକେସନ୍‌କୁ ଆକ୍ସେଟ୍ କରିଥାଏ। ସେହିପରି ମିଳାଜି ଯଦି ନିର୍ଦ୍ଦିଷ୍ଟ ସୁରକ୍ଷିତ ସୀମାକୁ ବାହାରାକୁ ଯାଏ, ତେବେ ସେମାନଙ୍କ ବାପାମାଆଙ୍କ ମୋବାଇଲ୍‌ରେ ଆଲର୍ଟ ପଠାଯିଥାଏ। ଏହି ଆଲର୍ଟ ନୋଟିଫିକେସନ୍ ଯାଇବ ଥାଏ। ଏହି ଜୋତାକୁ ଏକ ଟିପ୍ପେଷ ମୋବାଇଲ ଆପ୍‌ରେ ଯୋଡ଼ା ଯାଏ। ଯାହାଜି ଆଇଓଏସ୍ ଏବଂ ଆଣ୍ଡ୍ରଏଡ୍ ପ୍ଲାଟଫର୍ମରେ ରହିଛନ୍ତି। ଆପ୍ ମାଧ୍ୟମରେ ଅଭିଭାବକ ଲାଇଭ୍ ଲୋକେସନ୍ ଜୁଡ଼ିବେ, ବର୍ଚ୍ଚ ରାଉଟେସନ୍ ହିଷ୍ଟ୍ରି ମଧ୍ୟ ଜାଣି ପାରିବେ। ଏଥିସହ ପିଲାଙ୍କି ଦିନ ଜମାମାନ ଜେଳି ଆକ୍ଟିଭ୍ ମାଇଲ୍‌ରେକ ଜାଣିପାରିବେ। ତେବେ ସୁରକ୍ଷା ଜୁଡ଼ିବ, ଏହା ପିଲାଙ୍କ ପିଟ୍‌ରେସ୍ କରାଯିବା ବି ଧ୍ୟାନ ଦେବା। ଏଥିରେ ଏକ ଷ୍ଟେପ୍ କାଉଣ୍ଟର ରହିଛି। ପିଲା ଜେତେ ଥାର ପ୍ରତିଦିନ ଚାଲୁଛି, ସେସବୁ ଏହା ଜଣାଏ। ଏହା ଏକ ଟମ୍ବଡ଼ା ଜୋତା ହୋଇଥିବା ତେବେ ଏହାର ଖ୍ୟରେ ଦୋଟ୍ ଜୋତା ରହି। ଏହା ଜଳ ପ୍ରତିରୋଧୀ ହୋଇଥିବାରୁ ଖରା ହେଲେ ବି ଜଳ ଜେବ ନାହିଁ। ଏହା ଚାର୍ଜୁଆ ଓ ମାଇକ୍ରୋ। ଏଥିରେ ଏକ ବ୍ୟାଟ୍ରି ଜାଉଜାର ରହିଛି। ପିଲା ଜେତେ ଚାଲୁଛନ୍ତି, ସେତେ ଚାର୍ଜ ହେଉଥିବ। ଏଥିରେ ଏକ ଜୁଲ୍ଟ ଜାଲାର୍ମ ମଧ୍ୟ ରହିଛି। ଯଦି ପିଲା ଜୁଲ୍ଟ ଜାଲାର୍ମ ବଟନ୍ ଦବାଇବେ, ତେବେ ଏହା ଜୋରରେ ବାଜିବ। ଏହାଦ୍ୱାରା ପିଲାଙ୍କି ଦିନ ଜମାମାନ ଜେଳି ଆକ୍ଟିଭ୍ ମାଇଲ୍‌ରେକ ଜାଣିପାରିବେ। ତେବେ ସୁରକ୍ଷା ଜୁଡ଼ିବ, ଏହା ପିଲାଙ୍କ ପିଟ୍‌ରେସ୍ କରାଯିବା ବି ଧ୍ୟାନ ଦେବା। ଏଥିରେ ଏକ ଷ୍ଟେପ୍ କାଉଣ୍ଟର ରହିଛି। ପିଲା ଜେତେ ଚାଲୁଛନ୍ତି, ସେତେ ଚାଲୁଥିବ। ଏହା ଚାର୍ଜୁଆ ଓ ମାଇକ୍ରୋ। ଏଥିରେ ଏକ ବ୍ୟାଟ୍ରି ଜାଉଜାର

ଉତ୍କଳ ସମାଚାର

ସମ୍ପାଦକୀୟ...

ଶନିବାର ୨୮ ମାର୍ଚ୍ଚ ୨୦୨୬

ହେ ଈଶ୍ୱର, ତୋ ପୃଥିବୀରେ ଏତେ ଯୁଦ୍ଧ କାହିଁକି ?

ଇଜିପ୍ଟର ରାଜା ଓଜିମାଣ୍ଡିୟସ୍ ନିଜର ଏକ ବିରାଟ ପ୍ରତିମୂର୍ତ୍ତି ମରୁଭୂମିର ଉଦ୍ୟାନରେ ସ୍ଥାପନ କଲେ ଏବଂ ଏହାର ପାଦଦେଶରେ ପଥର ଖୋଦେଇ କରି ଲେଖିଦେଲେ, "ମୁଁ ଓଜିମାଣ୍ଡିୟସ୍। ମୁଁ ହେଉଛି ରାଜାଙ୍କର ରାଜା। ହେ ଶକ୍ତିଶାଳୀ ବୀରପୁଙ୍ଗବଗଣ, ମୋ'ର କୃତିତ୍ୱକୁ ଦେଖ ଆଉ ମୋ ସହିତ ସମାନ ହେବାର ଆଶା ପରିତ୍ୟାଗ କର।" ଏବେ ଏହି ପ୍ରକାଣ୍ଡ ମୂର୍ତ୍ତିଟି ଭାଙ୍ଗିକି ଚୁରମାର ହୋଇଯାଇଛି। ମରୁଭୂମିର ବାଲି ଉପରେ ପଡ଼ିରହିଛି ମୂର୍ତ୍ତିର କ୍ଷତବିକ୍ଷତ ଭଗ୍ନ ମୁହଁ ଓ ଦୁଇଟି ପ୍ରକାଣ୍ଡ ଗୋଡ଼ ମାତ୍ର। ଆଜି ଇଜିପ୍ଟ ଅଛି। ଇଜିପ୍ଟର ସେହି ମରୁଭୂମି ଅଛି। ଉଦ୍ୟାନ ଭିତରେ ମୂର୍ତ୍ତିଟି ଭାଙ୍ଗିକି ପଡ଼ିଛି, କିନ୍ତୁ ରାଜା ଓଜିମାଣ୍ଡିୟସ୍ ଆଉ ନାହାନ୍ତି। କାଳ ହେଉଛି ଜଗତ ଭକ୍ଷକ ଆଉ ସେହି କାଳର ଗର୍ଭରେ ସେ କେବେଠାରୁ ବିଲୀନ ହୋଇଯାଇଛନ୍ତି। କୁଆଡ଼େ ଗଲା ତାଙ୍କର ସେ ଗର୍ବ, ସେ ଅହଂକାର, ସେ ଯୁଦ୍ଧଖୋର ମନୋବୃତ୍ତି ଓ ବିଜୟ ଉଲ୍ଲାସ ଯାହା ଆଜି ମରୁଭୂମିର ବାଲି ଭିତରେ ବିଲୁପ୍ତ ହୋଇଯାଇଛି। ହସ୍ତିନାପୁରର କଥା। ପାଣ୍ଡବମାନେ କୌରବଙ୍କ ଠାରୁ ମାତ୍ର ପାଚଂ ଖଣ୍ଡ ଗ୍ରାମ ମାଗିଥିଲେ। ଦୁର୍ଯ୍ୟୋଧନ କହିଲେ, "ବିନା ଯୁଦ୍ଧେ ଦେବି ନାହିଁ ସୂଚ୍ୟଗ୍ରେ ମେଦିନୀ।" ଭୟାବହ ଯୁଦ୍ଧ ହେଲା। କୁରୁକ୍ଷେତ୍ରରେ ଦୁଇ ପରିବାରର ଶହ ଶହ ଯୋଦ୍ଧା ଓ ଲକ୍ଷ ଲକ୍ଷ ସୈନ୍ୟସାମନ୍ତ ମୃତ୍ୟୁ ବରଣ କଲେ। ଆଜି ହସ୍ତିନାପୁର ଅଛି ଓ ସେହି କୁରୁକ୍ଷେତ୍ର ଅଛି। ଇନ୍ଦ୍ରପ୍ରସ୍ଥ, ତିଳପ୍ରସ୍ଥ, ବ୍ୟାଘ୍ରପ୍ରସ୍ଥ, ସ୍ୱର୍ଣ୍ଣପ୍ରସ୍ଥ ଓ ପଣ୍ଡପ୍ରସ୍ଥ ବୋଲି ସେହି ପାଚଂଟି ଗ୍ରାମର କେବଳ ନାମ ପରିବର୍ତ୍ତନ ହୋଇଯାଇଛି, କିନ୍ତୁ ଯେଉଁମାନେ ଏଥି ପାଇଁ ଯୁଦ୍ଧ କରିଥିଲେ ସେହି ପାଣ୍ଡବ ନାହାନ୍ତି କି କୌରବ ନାହାନ୍ତି। କାଳର ଗର୍ଭରେ ସେମାନେ ମଧ୍ୟ ବିଲୀନ ହୋଇଯାଇଛନ୍ତି। ପ୍ରାଗୈତିହାସିକ ଯୁଗରୁ ଆଜି ପର୍ଯ୍ୟନ୍ତ ଏହିପରି ହଜାର ହଜାର ଉଦାହରଣ ରହି ଆସିଛି ତଥାପି ମନୁଷ୍ୟ ମୂର୍ଖଙ୍କ ସଦୃଶ ବାରମ୍ବାର ପରସ୍ପର ସହିତ ଯୁଦ୍ଧରେ ଅବତୀର୍ଣ୍ଣ ହେଉଛି। ଆଶ୍ଚର୍ଯ୍ୟର କଥା ଯେ ବାର୍ଦ୍ଧକ୍ୟର ମଧ୍ୟ କୌଣସି ପ୍ରଭାବ ଏହି ମନୁଷ୍ୟମାନଙ୍କ ଉପରେ ପଡୁନାହିଁ। ଆଜିର ସମସ୍ତ ଯୁଦ୍ଧପ୍ରେମୀ ନେତା ସତୁରି ଦଶକରୁ ଅଶି ଦଶକ ନିଜନିଜର ଜୀବନ ବିତେଇ ସାରିଲେଣି ତଥାପି ଏମାନଙ୍କର ଚେତା ପଶୁନାହିଁ। ଏମାନଙ୍କର ନିର୍ଦ୍ଦେଶରେ ହଜାର ହଜାର ନିରୀହ ନରନାରୀ ଓ କୋମଳମତି ବାଳକବାଳିକା ନିହତ ହେଉଛନ୍ତି। ସାରା ବିଶ୍ୱ ଏମାନଙ୍କ ଭୟରେ ଚୁପ୍ ହୋଇ ବସି ରହିଛି। ମିଳିତ ଜାତିସଂଘ ମାଙ୍କଡ଼ ରାଜାଙ୍କ ଭଳି ବ୍ୟବହାର କରୁଛି। ବାଘ ଓ ସିଂହମାନେ ଯଦି ପ୍ରଜା ହେବେ ତେବେ ମାଙ୍କଡ଼ ରାଜା କରିବେ କ'ଣ ? ନିକଟରେ ଇରାନର ମିନାବ ସହରର ଗୋଟିଏ ପ୍ରାଇମେରି ସ୍କୁଲରେ ଅଚାନକ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣରେ ଦୁଇଶହ ପାଖାପାଖି ନିରୀହ ବାଳିକାମାନଙ୍କ ନିହତରେ ମିଳିତ ଜାତିସଂଘ ଦୁଃଖପ୍ରକାଶ କରି ଏକ ବିବୃତି ପ୍ରକାଶ କରିଛି। ଏହା ମାଙ୍କଡ଼ ରାଜାର ଗଛ ଉପରୁ ଥାଇ ତଳେ ବାଘ ଓ ସିଂହମାନଙ୍କୁ ଖତେଇ ହେବା ସଦୃଶ ନୁହେଁ କି ? ଯେତେବେଳେ ସାରା ବିଶ୍ୱର ରଥୀ ମହାରଥୀମାନେ ଖଡ୍‌ଗହସ୍ତ ହୋଇ ନିଜ ନିଜ ଭିତରେ ଯୁଦ୍ଧରେ ମାତିଛନ୍ତି ସେତେବେଳେ ମାଙ୍କଡ଼ ରାଜା କ'ଣ ବା କରିପାରିବ ? ଅଣାଅଶି ବର୍ଷର ବୃଦ୍ଧ ଟ୍ରମ୍ପ କହୁଛନ୍ତି ଯେ ସେ ଇରାନକୁ ଉଡ଼େଇ ଦେବେ। ତେସ୍ତରି ବର୍ଷର ବୃଦ୍ଧ ପୁଟିନ କହୁଛନ୍ତି ଯେ ସେ ୟୁକ୍ରେନକୁ ଉଡ଼େଇ ଦେବେ ଆଉ ଛୟାଅଶି ବର୍ଷର ବୃଦ୍ଧ ଆୟାତୋଲ୍ଲା ଖାମେନେଇ ଯିଏ କି ନିଜେ ଉଡ଼ିଗଲେ ସେ କହୁଥିଲେ ଯେ ସେ ଉଭୟ ଆମେରିକା ଓ ରୁଷିଆକୁ ଉଡ଼େଇ ଦେବେ। ବୃଦ୍ଧସ୍ୟ ଚତୁଃଗୁଣ କଷ୍ଟୁ ସଦୃଶ ଏହି ସମସ୍ତ ବୃଦ୍ଧଙ୍କର ପରସ୍ପରକୁ ଉଡ଼େଇଦେବାର ପ୍ରୟାସରେ ଆଜି ବିଶ୍ୱର ନିରୀହ ନରନାରୀମାନେ କେବଳ ଜୀବନ ବିକଳରେ ଉଡୁଛନ୍ତି। ଏହି ନିରୀହ ନରନାରୀ ଯୁଦ୍ଧର ଧାରେ ଧାରେ ନାହାନ୍ତି କିନ୍ତୁ ଏହାର ତୀକ୍ଷ୍ ?ଣ ଧାରରେ କଟିଯାଇ ଅକାଳ ମୃତ୍ୟୁବରଣ କରୁଛନ୍ତି। ଏହା ସ୍ୱାଭାବିକ, କାରଣ ଆଜି ସମଗ୍ର ପୃଥିବୀ ଗୋଟିଏ ଶୃଙ୍ଖଳାରେ ବାନ୍ଧି ହୋଇ ରହିଛି। ଏହି ଶୃଙ୍ଖଳାର ଗୋଟିଏ ଖଣ୍ଡ ଯଦି କେଉଁଠି ଛିଣ୍ଡି ଯାଉଛି ତେବେ ଏହାର ପ୍ରଭାବ ଅନ୍ୟ ସମସ୍ତ ଖଣ୍ଡ ଉପରେ ପଡୁଛି, ଯାହା ଦ୍ୱାରା ସମଗ୍ର ଶୃଙ୍ଖଳା ଦୁର୍ବଳ ହୋଇପଡୁଛି। ଗାଁ ମଫସଲର ଚା' ଦୋକାନୀଟିଏର ଯୁଦ୍ଧ ସହିତ କ'ଣ ସମ୍ପର୍କ ଅଛି ? କିନ୍ତୁ ଯୁଦ୍ଧ ଲାଗିବା ଫଳରେ ଗତ ସାତ ଦିନ ହେଲା ଇନ୍ଧନ ଅଭାବରୁ ତା'ର ଛୋଟିଆ ଦୋକାନଟି ବନ୍ଦ ରହିଛି। ଆଜି ଲକ୍ଷ ଲକ୍ଷ ଚା' ଜଳଖିଆ ଦୋକାନୀର ମାଲିକ ସମେତ ବାସନକୁସନ ସଫା କରି ସାମାନ୍ୟ ଖାଇପିଇ ଚଳୁଥିବା ଲୋକମାନେ ପେଟରେ ଓଦାକନା ଦେଇ ଶୋଇବାକୁ ବାଧ୍ୟ ହେଉଛନ୍ତି ଅଥଚ ପୃଥିବୀର ମହାମୂର୍ଖମାନେ ଯୁଦ୍ଧରେ ଅବତୀର୍ଣ୍ଣ ହୋଇ ନିଜ ନିଜର ଜୟଗାନ କରୁଛନ୍ତି। ପ୍ରସିଦ୍ଧ ହିନ୍ଦୀ ଚଳଚ୍ଚିତ୍ର 'ତାଜମହଲ'ରେ ନାୟିକା ନିଜର ପ୍ରେମିକ ନାୟକଙ୍କ ଯୁଦ୍ଧ କ୍ଷେତ୍ରରୁ ପ୍ରତ୍ୟାବର୍ତ୍ତନକୁ ବ୍ୟାକୁଳ ନୟନରେ ଅନେଇ ବସିଛନ୍ତି ଏବଂ ସେହି ସମୟରେ ସେ ସର୍ବଶକ୍ତିମାନ ଈଶ୍ୱରଙ୍କୁ ପ୍ରଶ୍ନ କରୁଛନ୍ତି, "ହେ ଈଶ୍ୱର, ତୋ ଜମି ଉପରେ ତୋ ଜମି ପାଇଁ ଏତେ ଯୁଦ୍ଧ କାହିଁକି ? ପୃଥିବୀ ତୋର ସୃଷ୍ଟି ଓ ଆମେ ବି ତୋର ସୃଷ୍ଟି କିନ୍ତୁ 'ମୋର ଆଉ ତୋର' ବୋଲି କହି ଏତେ କଳହ କାହିଁକି ହେଉଛି ?" ଥରେ ଠାକୁରଙ୍କ ମୂର୍ତ୍ତି ପ୍ରସ୍ତୁତକାରୀ ଜଣେ କଳାକାର ଈଶ୍ୱରଙ୍କୁ କହୁଛି, "ହେ ଈଶ୍ୱର, ତୁ ବି ଜଣେ କଳାକାର ଆଉ ମୁଁ ବି ଜଣେ କଳାକାର। ତୁ ମୋ ଭଳି ଅସଂଖ୍ୟ ମୂର୍ତ୍ତି ତିଆରି କରି ଏହି ଧରାପୃଷ୍ଠକୁ ପଠେଇଛୁ ଆଉ ମୁଁ ବି ତୋର ଅସଂଖ୍ୟ ମୂର୍ତ୍ତି ତିଆରି କରି ଏହି ଧରାପୃଷ୍ଠରେ ବିକ୍ରି କରିଛି। କିନ୍ତୁ ହେ ଈଶ୍ୱର, ମୋତେ ବହୁତ ଦୁଃଖର ସହିତ କହିବାକୁ ପଡୁଛି ଯେ ଯେତେବେଳେ ତୋ ମୂର୍ତ୍ତିମାନେ ନିଜ ନିଜ ସହିତ ସଂଘର୍ଷ କରିବାରେ ବ୍ୟସ୍ତ ରହୁଛନ୍ତି ସେତେବେଳେ ମୋ ମୂର୍ତ୍ତିମାନଙ୍କ ସାମନାରେ ସମସ୍ତେ ନତମସ୍ତକ ହୋଇ ପ୍ରାର୍ଥନା କରୁଛନ୍ତି।"

ପଡ଼ିଆ, ପୁସ୍ତକ ଓ ପୁରସ୍କାରରେ କ୍ରିକେଟ

ଅତି ନିକଟ ଅତୀତରେ ଭାରତ ପୁରୁଷ ଟି-୨୦ ବିଶ୍ୱକପ୍ ଜିଣିବା ନିଶ୍ଚୟ ଆନନ୍ଦର ବିଷୟ। କିନ୍ତୁ, ପଡ଼ିଆରେ ମୁଷ୍ଟିମେୟଙ୍କ ଦ୍ୱାରା ସେମାନଙ୍କ ବ୍ୟକ୍ତିଗତ ଜୀବନ ସଂପର୍କରେ ଖୋଲାଖୋଲି ପ୍ରଦର୍ଶନ ନେଇ ଭିନ୍ନ ମତ ପ୍ରକାଶ ପାଉଛି। କ୍ରୀଡ଼ାରେ ଯଶ, ଧନ ଓ ଗ୍ଲାମର ମାତ୍ରାଧିକ ଗୁରୁତ୍ୱ ପାଇଲେ କ'ଣ ହୁଏ ତାହା ଇମ୍ରାନ ଖାଁଙ୍କ ଜୀବନ ଇତିହାସରେ ପ୍ରତିଫଳିତ, ଯାହାର କେତୋଟି ବିନ୍ଦୁ ହେଲା ତାଙ୍କ ଅକ୍ସଫୋର୍ଡ ପଢ଼ା, ପ୍ଲେବୟ ଭାବମୂର୍ତ୍ତି, ନିଜ ଦେଶର କ୍ରିକେଟ୍ ଅଧିନାୟକ ସାଙ୍ଗକୁ ପ୍ରଧାନମନ୍ତ୍ରୀ ପଦ ଗ୍ରହଣ ଏବଂ କାରାବରଣ। ମଣିଷକୁ ଓ ମଣିଷମାନଙ୍କୁ ନେଇ ଗଠିତ ସମାଜକୁ ବୁଝିବାରେ ବେଶ୍ ସହାୟକ ହୋଇଥାନ୍ତି ଧର୍ମ, ବିଜ୍ଞାନ, ପ୍ରଯୁକ୍ତି, ରାଜନୀତି, ଚଳଚ୍ଚିତ୍ର, ସଂଗୀତ, ସାହିତ୍ୟ, ସ୍ଥାପତ୍ୟ, ସଂସ୍କୃତି ଓ ଚିତ୍ରକଳା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ତଥା ମାଧ୍ୟମ। ସେମିତିଆ ମୋଟାମୋଟି ଆଉ ଏକ କ୍ଷେତ୍ର ବା ମାଧ୍ୟମ ହେଉଛି ଖେଳ। ସେଇ କ୍ରୀଡ଼ା ଜଗତର କ୍ରିକେଟ୍ ବିଷୟ ନିଆଯାଉ। ୧୯୬୩ ମସିହାର କଥା। ସେଇ ବର୍ଷ ପ୍ରକାଶ ପାଇଥିଲା ଏକ ବହୁଚର୍ଚ୍ଚିତ ପୁସ୍ତକ 'ବିୟଣ୍ଡ୍ ଏ ବାଉଣ୍ଡେରି' ଯାହାର ଲେଖକ ଥିଲେ ୱେଷ୍ଟଇଣ୍ଡିଜର ପତ୍ରକାର, ଐତିହାସିକ, କର୍ମୀ ଓ ମାର୍କ୍ସବାଦୀ ବିଦ୍ୱାନ ସି. ଏଲ୍. ଆର୍. ଜେମ୍ ?ସ। ସେଥିରେ ତାଙ୍କର ଏକ ସ୍ୱାକ୍ଷର ଓ ବାରମ୍ବାର ଉଦ୍ଧୃତ ବକ୍ତବ୍ୟ ଥିଲା ଏଇଆ- ସେମାନେ କ୍ରିକେଟ୍ ବାବଦରେ କ'ଣ ଜାଣନ୍ତି ଯେଉଁମାନେ ଖାଲି କ୍ରିକେଟ୍ ଜାଣନ୍ତି ! ସିଏ ଆହୁରି ଲେଖିଛନ୍ତି- କ୍ରିକେଟ୍ ଏକ ମଚଂ ନାଟକ, ନୃତ୍ୟ, ଯାତ୍ରା ଓ ବାଲେ। ତାହା ମୂଳତଃ ଏକ ନାଟକୀୟ ଦୃଶ୍ୟ ଓ ପରିବେଷଣ। ଜଣେ କ୍ରିକେଟ୍ ଖେଳାଳି କେବଳ ନିଜ ପକ୍ଷର ପ୍ରତିନିଧିତ୍ୱ କରୁ ନଥାନ୍ତି। ଖେଳିବା ମୁହୂର୍ତ୍ତରେ ସିଏ ନିଜେ ହିଁ ନିଜ ଦଳ ବା ପକ୍ଷ ପାଲଟି ଯାଆନ୍ତି। ଜେମ୍ସ ପୁସ୍ତକଟି ସମ୍ବନ୍ଧରେ କହିଥିଲେ ଯେ ତାହା କ୍ରିକେଟ୍ କୈନ୍ଦ୍ରିକ ସ୍ମୃତିଲିପି କିମ୍ବା ଆତ୍ମକାହାଣୀ ଧରଣର ନୁହେଁ। କାରଣ, କ୍ରିକେଟ୍ ପଡ଼ିଆର ନିର୍ଦ୍ଧାରିତ ସୀମାୟତନ ଭିତରେ ଯାହା ଘଟେ ତାହା ବାହାରର ଜୀବନକୁ ମଧ୍ୟ ପ୍ରଭାବିତ କରେ। ସେମିତି ବାହାରେ ଯାହା ଘଟୁଥାଏ ତାହା କ୍ରିକେଟ୍ ପଡ଼ିଆରେ ଓ ଖେଳରେ ବି ପ୍ରତିଫଳିତ ହୁଏ। ଜେମ୍ସଙ୍କ ମତରେ ରାଜନୀତି ଭିତରକୁ ତାଙ୍କୁ ନେଇ ନିମଗ୍ନ କରିଦେଇଥିଲା କ୍ରିକେଟ୍ ଏବଂ ଯେତେବେଳେ ସିଏ ରାଜନୀତି ଆଡ଼କୁ ସଚେତନ ଭାବେ ଢଳିଥିଲେ ସେତେବେଳେ ସେଠୁ ତାଙ୍କର ସେତେ ଅଧିକ କିଛି ଶିଖିବାର ନ ଥିଲା। ଜଣେ କ୍ରିକେଟ୍ ଖେଳାଳି, ଭାଷ୍ୟକାର ଓ ଲେଖକ ଭାବେ ସିଏ ଜାଣିଥିଲେ କ୍ରିକେଟ୍ କେମିତି ଜାତୀୟ ସଂସ୍କୃତି ତିଆରି କରେ ଏବଂ କ୍ରିକେଟ୍ ବାଟେ କିଭଳି ଶିକ୍ଷା, ପରିବାର, ବର୍ଣ୍ଣ, ଶ୍ରେଣୀ ଓ ଉପନିବେଶବାଦ ଆଦିର ତର୍ଜମା କରିହେବ। ଅନେକ ଜେମ୍ସଙ୍କୁ ଇଂଲାଣ୍ଡର ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ ଓ ଆମେରିକାର ରାଷ୍ଟ୍ରପତି ରୁଜଭେଲ୍ଟଙ୍କ କାଟର ଜଣେ ଅସାଧାରଣ ବାଗ୍ମୀର ମାନ୍ୟତା ଦିଅନ୍ତି। ଜେମ୍ସଙ୍କ ପ୍ରଚେଷ୍ଟାରେ ଫ୍ରାଙ୍କ ଓରେଲ ୱେଷ୍ଟଇଣ୍ଡିଜର ପ୍ରଥମ କୃଷ୍ଣକାୟ କ୍ରିକେଟ୍ ଅଧିନାୟକ ହୋଇପାରିଥିଲେ। ଆଶା କରାଯାଉଥିଲା ସ୍ୱତନ୍ତ୍ର ଦ୍ୱୀପ ଦେଶ ଓ ଆଶ୍ରିତ କ୍ଷେତ୍ରମାନଙ୍କୁ ନେଇ ତିଷ୍ଠି ଆସିଥିବା ୱେଷ୍ଟଇଣ୍ଡିଜ ଏକ ପ୍ରକୃତ ସଂଘୀୟ ରାଷ୍ଟ୍ରରେ ପରିଣତ ହେବ। ତାହା ସମ୍ଭବ ହେଲାନି। ସେଇ ୧୯୬୩ରେ, ଯେଉଁ ବର୍ଷ ଜେମ୍ସଙ୍କ ଆଲୋଚ୍ୟ ପୁସ୍ତକ ଆତ୍ମପ୍ରକାଶ କରିଥିଲା, ତଥାକଥିତ ୱେଷ୍ଟଇଣ୍ଡିଜ ଫେଡେରସନ ଭାଙ୍ଗିଗଲା। ସେତେବେଳେ ଜେମ୍ସ କହିଥିଲେ: ଆମକୁ ସଂଘୀୟ, ଫେଡେରାଲ କରିଛି ଅସଲରେ କ୍ରିକେଟ୍। ବ୍ରାଜିଲ ପାଇଁ ଫୁଟ୍‌ବଲ୍ ଯାହା ୱେଷ୍ଟଇଣ୍ଡିଜ ପାଇଁ କ୍ରିକେଟ୍ ତାହା। 'ସାମ୍ବା' ବ୍ରାଜିଲରେ ତ ''କାଲିପ୍‌ସୋ' ୱେଷ୍ଟଇଣ୍ଡିଜରେ। ଏକଦା କ୍ରିକେଟ୍‌ର ବୃହତ୍ ଶକ୍ତି କହିଲେ ୱେଷ୍ଟଇଣ୍ଡିଜକୁ ବୁଝାଯାଉଥିଲା। କ୍ରିକେଟ୍ ଖେଳାଳି ଓ ଅନୁରାଗୀ ଜନସାଧାରଣଙ୍କ ସଂପର୍କ ଅତି ଘନିଷ୍ଠ ତଥା ଏକାତ୍ମ ହୋଇପାରିଥିଲା କ୍ରିକେଟ୍ ଯୋଗୁଁ, ଯାହା ଫଳରେ ସର୍ବନିମ୍ନ ସମ୍ବଳ ସତ୍ତ୍ୱେ ସର୍ବାଧିକ ସଫଳତା ମିଳିପାରିଥିଲା। କ୍ରିକେଟ୍ ଏକ ଅସ୍ମିତା ଅଠାର କାମ ଦେଇଥିଲା ୱେଷ୍ଟଇଣ୍ଡିଜର ଦ୍ୱୀପ ଓ କ୍ଷେତ୍ରମାନଙ୍କ ଭିତରେ। ସ୍ଥିର ହେଲା ଯିଏ ଯେଉଁ ସ୍ୱତନ୍ତ୍ର ଦ୍ୱୀପର ହେଉ ପଛକେ କ୍ରିକେଟ୍ ଖେଳିଲା ବେଳେ କେହି କାହାକୁ ରନ୍ ?ଆଉଟ୍ କରିବେନି। ଉଭୟ ସାଲାଡ ଓ ସରବତର ଉପକାରିତା ତଥା ଉପଯୋଗିତା ସେମାନେ ମନେ ରଖିବେ। ଏମିତି ଆଉ କେଉଁ ଠିକଣା ଅଛି ଯେଉଁଠୁ ସମ୍ଭବ ହୋଇଛନ୍ତି ଭିଭିଆନ ରିଚାର୍ଡସ୍, ବ୍ରିଆନ ଲାରା, ଗ୍ୟାରି ସୋବର୍ସ, ଲାନ୍ସ ଗିବ୍‌ସ, ରୋହଣ କହ୍ନାଇ, କ୍ଲାଇବ ଲଏଡ, ମାଇକେଲ ହୋଲ୍‌ଡିଂ, ମାଲକମ ମାର୍ଶାଲ, ଆଣ୍ଡି ରବର୍ଟସ୍, ଜୁଏଲ ଗାର୍ଣ୍ଣର, ଆମ୍ବ୍ରୋଜ, ୱାଲ୍‌ସ, ଦେଶମଣ୍ଡ ହେନ୍‌ସ ଓ ଗର୍ଡନ ଗ୍ରିନିଜ ପ୍ରଭୃତିଙ୍କ ଭଳି ଖେଳାଳି ? କହ୍ନାଇ ଥରେ କହିଥିଲେ- କ୍ରିକେଟ୍ ତାଙ୍କ ପାଇଁ ଅବସର ବିନୋଦନ ନୁହେଁ ?; ତାହା ଅମ୍ଳଜାନ। ରିଚାର୍ଡସ୍‌ଙ୍କ ଚାଲି, ଠାଣି ଓ ଚିୟୁଙ୍ଗମ ଚୋବାକୁ ଜଣେ ଉପେକ୍ଷା କରିପାରେ। ହେଲେ ତାଙ୍କ ବ୍ୟାଟିଂର ଦର୍ପ, ସାହସ, ସନ୍ଦେଶ ଓ ପରାକ୍ରମ କେହି ଭୁଲିପାରିବେନି। ଲାରାଙ୍କ ଶୈଳୀ ଓ ଲାବଣ୍ୟ ତ ମହାନ ଚିତ୍ରଶିଳ୍ପୀଙ୍କ କଳା ନେ ?ପୁଣ୍ୟକୁ ବଳିଯିବ। ନୋବେଲ ବିଜେତା ଭି. ଏସ୍. ନାଇପଲ ସହଜରେ ଅନ୍ୟ କାହାର ଲେଖାରେ ଭଳି ଯାଆନ୍ତିନି। କିନ୍ତୁ ସେଇ ନାଇପଲ ଅଭିଭୂତ ହୋଇ ଜେମ୍ସଙ୍କ 'ବିୟଣ୍ଡ୍ ଏ ବାଉଣ୍ଡେରି' ବହିକୁ ଏକ ଚମତ୍କାର ଓ ପୂର୍ଣ୍ଣାଙ୍ଗ କୃତି ଭାବେ ପରିଗଣିତ କରିଥିଲେ। କ୍ରୀଡ଼ା ସାହିତ୍ୟ ଅବଗତ ସଭିଏଁ ଅବଶ୍ୟ ସ୍ୱୀକାର କରିବେ ଯେ ଜେମ୍ସଙ୍କ ପୁସ୍ତକ ଭଳି ଫୁଟ୍‌ବଲ୍‌କୁ ନେଇ ଏକ ଅତି ପ୍ରଭାବଶାଳୀ ବହି ହେଉଛି ଉରୁଗୁଏର ଐତିହାସିକ, ପତ୍ରକାର, ଲେଖକ ଓ କର୍ମୀ ଏଡୁଆର୍ଡୋ ଗାଲିଆନୋଙ୍କ ରଚିତ 'ଫୁଟ୍‌ବଲ୍ ଇନ୍ ସନ୍ ଆଣ୍ଡ୍ ସ୍ୟାଡୋ' (୧୯୯୫)। ଏ ପୁସ୍ତକ ଦ୍ୱୟର ମାନ ଓ ଆକର୍ଷଣ ଏମିତି ଯେ କୁହାଯାଏ କ୍ରିକେଟ୍ ଓ ଫୁଟ୍‌ବଲ୍ ସମସ୍ତେ ଖେଳି ନ ପାରନ୍ତି; ହେଲେ ଏ ବହି ଦୁଇଟି ନ ପଢ଼ିଲେ ଚଳିବନି ଏବଂ ପଢ଼ିଲେ ନ ଖେଳିବାଜନିତ ଗ୍ଲାନି ସାଙ୍ଗେ ସାଙ୍ଗେ ଦୂର ହୋଇଯିବ। କେତେଜଣ ଭାରତୀୟ ଲେଖକ ମଧ୍ୟ ଅତି ଉତ୍କୃଷ୍ଟ କ୍ରିକେଟ୍ ସାହିତ୍ୟର ସର୍ଜନା କରିଛନ୍ତି ଏବଂ ସେମାନଙ୍କ ଭିତରେ ଅନ୍ତର୍ଭୁକ୍ତ ରାମଚନ୍ଦ୍ର ଗୁହା, ସୁଜିତ ମୁଖାର୍ଜୀ, ଡମ୍ ମୋରେସ, ବୋରିଆ ମଜୁମଦାର, ରାହୁଳ ଭଟ୍ଟାଚାର୍ଯ୍ୟ, ମୁକୁଳ କେଶବନ୍, ସମ୍ବିତ ବଳ, ନିର୍ମଳ ଶେକର, ଶାରଦା ଉଗ୍ରା। ମୁଖାର୍ଜୀ ଠାଏ ଲେଖିଥିଲେ: ଯେତେ କ୍ରିକେଟ୍ ଦେଖିଲେ କ'ଣ ହେବ, ଜଣେ ନିଜେ ଖେଳିଥିବା କ୍ରିକେଟ୍ - ତାହା ଯେଉଁ ସ୍ତରର ହୋଇଥାଉ ପଛକେ - ଠାରୁ ବଳି ସ୍ମରଣୀୟ ଆଉ କିଛି ନାହିଁ ! କବି ଓ ପତ୍ରକାର ଡମ୍ ମୋରେସଙ୍କ ଗାଭାସ୍କର ଆକଳନର ସର୍ବଦା ଉଲ୍ଲେଖ କରାଯାଏ। ସିଏ ଲେଖିଥିଲେ ଗାଭାସ୍କରଙ୍କ ଢଳିଢଳି ଚାଲି, ଢିଲା ଧଳା ଟୋପି, ହାତୀ କେଶର କଡ଼ା ଓ ସୁନାର ବେକହାର ସାଙ୍ଗକୁ ସନ୍ତୁଳିତ ଶରୀର ସମ୍ବନ୍ଧରେ ଯାହାଙ୍କ ବ୍ୟାଟ୍ ବଲ୍‌କୁ କଭରର ବାମ ତଥା ଡାହାଣ ପଟେ ରକେଟ ବେଗରେ ସିଧା ସୀମା ବାହାରକୁ ପଠେଇଦିଏ। ଲେଖା ପ୍ରସ୍ତୁତ କରିବା ପାଇଁ ଡମ୍ ମୋରେସ ଯାଇଥିଲେ ବମ୍ବେର ଦାଦର ଅଚଂଳକୁ ଯେଉଁଠି ସିଏ ଭେଟି କଥା ହୋଇଥିଲେ ଗାଭାସ୍କରଙ୍କ ପିଲାଦିନର ସାଙ୍ଗମାନଙ୍କ ସହ। ବିଶିଷ୍ଟ ଔପନ୍ୟାସିକ ଆର. କେ. ନାରାୟଣଙ୍କ ଉପନ୍ୟାସ 'ସ୍ୱାମୀ ଆଣ୍ଡ୍ ଫ୍ରେଣ୍ଡସ୍' (୧୯୩୫)ର ପ୍ରଚ୍ଛଦ ଚିତ୍ରରେ ଅଛି ଜଣେ ଚରିତ୍ରଙ୍କ ଛବି ଯିଏ ହାତରେ ବ୍ୟାଟ୍ ଧରିଛନ୍ତି। ଉପନ୍ୟାସର ଚରିତ୍ର ଅନ୍ୟ କ୍ରିକେଟ୍ ଖେଳାଳିଙ୍କ ଭିତରେ ଡୋନାଲ୍‌ଡ ବ୍ରାଡମ୍ୟାନଙ୍କୁ ଓ ଦୁଲିପ ସିଂହଜୀଙ୍କୁ ଜାଣିଥିଲେ। କିଂବଦନ୍ତି କାଳ୍ପନିକ ସ୍ଥାନ ମାଲ୍‌ଗୁଡ଼ିରେ ସେମାନେ ଏମ୍.ସି.ସି. ଗଢ଼ିଥିଲେ- ମେରିଲବୋନ ନୁହେଁ, ମାଲ୍‌ଗୁଡ଼ି କ୍ରିକେଟ୍ କ୍ଲବ୍। ପ୍ରଥମ ଥର ପାଇଁ ଭାରତ ୧୯୮୩ ମସିହାରେ ବିଶ୍ୱକପ୍ କ୍ରିକେଟ୍ ଜିତିଥିଲା। ସେ ବିଜୟ ପାଇଁ କପିଳ ଦେବଙ୍କ ସର୍ବଗୁଣସଂପନ୍ନ ପ୍ରଦର୍ଶନ ପ୍ରମୁଖ ଭୂମିକା ନିର୍ବାହ କରିଥିଲା, ଯାହା ଭିତରେ ସାମିଲ ଜିମ୍ବାୱେ ବିରୋଧରେ ଅପରାଜିତ ୧୭୫, ଫାଇନାଲରେ ଅନେକ ଦୂର ଦୌଡ଼ି ଦୌଡ଼ି ରିଚାର୍ଡସ୍‌ଙ୍କ ଅସମ୍ଭବ ମନେ ହେଉଥିବା କ୍ୟାଚ୍ ନେବା ଏବଂ ତାଙ୍କ ପ୍ରେରଣାଦାୟୀ ଅଧିନାୟକତ୍ୱ, ଯାହା କହୁଥିଲା ନେତୃତ୍ୱ ମାନେ ଉପରେ ନୁହେଁ ସହିତ ଆଉ ଆଗରେ ରହିବା। ସେହି କପିଳ ଦେବ ଥରେ ଗଣମାଧ୍ୟମ ଉପସ୍ଥିତିରେ ଆବେଗ ସମ୍ଭାଳି ନ ପାରି କାନ୍ଦି ପକାଇଥିଲେ ଏବଂ ଆରୋପକୁ ପ୍ରତ୍ୟାଖ୍ୟାନ କରି ସ୍ପଷ୍ଟୀକରଣରେ କହିଥିଲେ- ମରିଯିବି ପଛେ ଜୀବନରେ କେବେ ଠକାଠକି କି ଗୁନ୍ଦୁରାଗୁନ୍ଦୁରି କରିବିନି। କରିନି ମଧ୍ୟ। ହରିଆଣା ହରିକେନ ଭାବେ ଖ୍ୟାତ କପିଳ ଦେବ ବମ୍ବେ, ଦିଲ୍ଲୀ, କଲିକତା, ମାନ୍ଦ୍ରାଜ କି ବାଙ୍ଗାଲୋରରୁ ନ ଥିଲେ। ସେଭଳି ମହାନଗରୀ ପରିସର ବାହାରୁ, ସିଏ ଥିଲେ ଚଣ୍ଡୀଗଡ଼ରୁ, ଯେମିତି ଧୋନୀ ଥିଲେ ରାଚିଂରୁ। ଯେତେବେଳେ ଗତ ବର୍ଷ ଭାରତୀୟ ମହିଳା ଦଳ ବିଶ୍ୱକପ୍ ମହିଳା କପ୍ ଜିଣିଲେ ସେତେବେଳେ କୁହାଯାଇଥିଲା ଯେ ତାହା ହେଉଛି ଭାରତୀୟ ମହିଳା କ୍ରିକେଟ୍ ଇତିହାସରେ ୧୯୮୩ସମ ମୁହୂର୍ତ୍ତ। ସେ ଟୁର୍ନାମେଚଂରେ ଦଳକୁ ସେମିଫାଇନାଲରେ ଜିତେଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଜେମିମା ରୋଡ୍ରିଗ୍ସ କହିଥିଲେ- ମୁଁ ବ୍ୟାଟିଂ କରି ଶତକ ଲାଭ ପ୍ରକ୍ରିୟାରେ ମୋ ସହ ଥିଲେ ଭଗବାନ। କିଛି ବର୍ଷ ପୂର୍ବେ ମହିଳା କ୍ରିକେଟ୍ ଖେଳିଥିବା ମିତାଲି ରାଜ୍ ଓ ଝୁଲଣ ଗୋସ୍ୱାମୀଙ୍କୁ ଯଥାକ୍ରମେ ତେନ୍ଦୁଲକର ଓ କପିଳଦେବଙ୍କ ସ୍ତରର କୁହାଯାଏ। ଆହୁରି ଆଗରୁ ଭାରତୀୟ ମହିଳା କ୍ରିକେଟ୍‌ର ନିଅଁ ସୁଦୃଢ଼ କରିଥିଲେ ଶାନ୍ତା ରଙ୍ଗାସ୍ୱାମୀ ଓ ଡାଏନା ଇଦୁଲ୍‌ଜୀ ପ୍ରମୁଖ। ଅନେକ ଦୁଃସ୍ଥିତି ଦେଇ ଯାଇଛି ଭାରତୀୟ ମହିଳା କ୍ରିକେଟ୍- ଦିନ ଥିଲା ଖେଳାଳିମାନେ ଡରମିଟୋରିର ଚଟାଣରେ ଶୋଉଥିଲେ, ନିଜ ଗଣ୍ଠିଲିପତ୍ର ନିଜେ ବୋହୁଥିଲେ ଗୋଟିଏ ହାତରେ ଓ ଅନ୍ୟ ହାତରେ ବ୍ୟାଟ୍-ବଲ୍-ଆନୁଷଙ୍ଗିକ ସରଞ୍ଜାମ ଏବଂ ଅସଂରକ୍ଷିତ ଟ୍ରେନ୍ ଡବାରେ ଯାତ୍ରା କରୁଥିଲେ। କୋଚ୍ ଅମୋଲ ମଜୁମଦାରଙ୍କ ଗୋଟିଏ ଗୁରୁମନ୍ତ୍ର ଅସାଧ୍ୟ ସାଧନ କରିଦେଲା- ମାତ୍ର ଗୋଟିଏ ଅଧିକା ରନ୍ ଦରକାର ପ୍ରତିପକ୍ଷର ମୋଟ ରନ୍‌ସଂଖ୍ୟା ଠାରୁ। ନେଲସନ ମାଣ୍ଡେଲା, ଦେସମଣ୍ଡ ଟୁଟୁ ଓ ତେମ୍ବା ବାଭୁମା ହେଉଛନ୍ତି ଦକ୍ଷିଣ ଆଫ୍ରିକାର ତିନି ଲୋକପ୍ରତିମା। ସେମାନଙ୍କ କ୍ଷେତ୍ର ଅବଶ୍ୟ ଅଲଗା ଅଲଗା, ଯଥାକ୍ରମେ ରାଜନୀତି, ଧର୍ମ ଓ ଖେଳ। ତିନିହେଁ ସେଇ ଏକା ପ୍ରଜାତିକ ଗୋଷ୍ଠୀର- ଝୋସା। ମାଣ୍ଡେଲା ଦେଶର ପ୍ରଥମ କୃଷ୍ଣକାୟ ରାଷ୍ଟ୍ରପତି, ଟୁଟୁ ପ୍ରଥମ କୃଷ୍ଣକାୟ ବିଶପ୍ ଓ ବାଭୁମା ପ୍ରଥମ କୃଷ୍ଣକାୟ କ୍ରିକେଟ୍ ଅଧିନାୟକ। ସିଏ ପ୍ରଥମ ଦକ୍ଷିଣ ଆଫ୍ରିକୀୟ କୃଷ୍ଣକାୟ କ୍ରିକେଟ୍ ଖେଳାଳି ଯିଏ କି ଶତକ ହାସଲ କରିଥିଲେ। ତାଙ୍କୁ କେହି କେହି କ୍ରିକେଟ୍ ପଡ଼ିଆର ମାଣ୍ଡେଲା କହନ୍ତି। 'ତେମ୍ବା' ମାନେ ଆଶା ଓ ଆସ୍ଥା। ଯେତେବେଳେ ତାଙ୍କ ପୂରା ନାମ ଭୁଲ୍‌ରେ ଉଚ୍ଚାରଣ କରି ଯାହା କୁହାଯାଇଥିଲା ସେଥିରୁ ଜଣକୁ ଶୁଣିଲା ଭଳି ଲାଗୁଥିଲା- ବାମନ ! ଆଶା ଭରା ଓ ଆସ୍ଥା ମିଶା ସ୍ୱରରେ ଅନେକ ସେତେବେଳେ ଈଶ୍ୱରଙ୍କ ବାମନାବତାର କଥା ମନେ ପକାଇଥିଲେ। କହିବା ବାହୁଲ୍ୟ ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନ୍ ?ସିପ୍ ଜିଣିବାରେ (୨୦୨୫) ତେମ୍ବା ବାଭୁମାଙ୍କର ଉଲ୍ଲେଖନୀୟ ଅବଦାନ ଥିଲା।

ଯଶୋଦା ବିଳାପ

ପୋଷ୍ୟ-ଜନନୀମାନଙ୍କୁ ମାତୃତ୍ୱ ଛୁଟି ଉପଲବ୍ଧ ହେବା ଦ୍ୱାରା ସେମାନଙ୍କ ପକ୍ଷରେ ବୃତ୍ତି ଓ ପରିବାର ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଅଧିକ ସହଜ ହେବ ଏବଂ ଏଥିଯୋଗୁଁ ସେମାନଙ୍କର ଉତ୍ପାଦନଶୀଳତାରେ ଉନ୍ନତି ଘଟିବ; ଏକ ଯତ୍ନଶୀଳ ପରିବାରରେ ସୁରକ୍ଷିତ, ସୁସ୍ଥ ଶୈ ?ଶବ ବିତାଇଥିବା ପାଳିତ ଶିଶୁମାନେ ସମାଜ ଓ ଦେଶ ପାଇଁ ଭବିଷ୍ୟତରେ ଅଧିକ ଯୋଗ୍ୟ ଓ ଉତ୍ପାଦନଶୀଳ ନାଗରିକରେ ପରିଣତ ହେବାର ଦୃଢ଼ ସମ୍ଭାବନା ଉପସ୍ଥିତ ଥାଏ। ସୁପ୍ରିମ୍ କୋର୍ଟଙ୍କର ପଦକ୍ଷେପ ?ତେଣୁ କେବଳ ଯଶୋଦାଙ୍କ ହିତ ପାଇଁ ନୁହେଁ, ସମଗ୍ର ଗୋପର ମଙ୍ଗଳ ସାଧନ ପାଇଁ ଉଦ୍ଦିଷ୍ଟ। ଭାରତର ସୁପ୍ରିମ୍ କୋର୍ଟ ନିକଟରେ ଆମ ଦେଶରେ ଉଭୟ ମାତୃ ଓ ଶିଶୁ କଲ୍ୟାଣ କ୍ଷେତ୍ରରେ ରହିଥିବା ଏକ ଗୁରୁତର ଆଇନଗତ ପ୍ରତିବନ୍ଧକ ଦୂର କରିବା ପାଇଁ ଏପରି ଏକ ବିଜ୍ଞ ତଥା ସମ୍ବେଦନଶୀଳ ପଦକ୍ଷେପ ନେଇଛନ୍ତି, ଯାହାର ଯେତେ ପ୍ରଶଂସା କରିଲେ ମଧ୍ୟ ଯଥେଷ୍ଟ ହେବନାହିଁ। ସଂକ୍ଷେପରେ କହିଲେ, ମାନ୍ୟବର ସର୍ବୋଚ୍ଚ ଅଦାଲତ ଦେଶରେ ବଳବତର ଥିବା 'କୋଡ୍ ଅନ୍ ସୋସିଆଲ୍ ସିକ୍ୟୁରିଟି, ୨୦୨୦' ଅନ୍ତର୍ଗତ ଏକ ବ୍ୟବସ୍ଥାକୁ ଅସିଦ୍ଧ ଘୋଷଣା କରିଦେଇଛନ୍ତି, ଯାହା ଅନୁସାରେ ତିନି ମାସରୁ ଊର୍ଦ୍ଧ୍ୱ ବୟସର ଶିଶୁକୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରୁଥିବା ଜଣେ ଜନନୀ ମାତୃତ୍ୱ ଛୁଟି (ମାଟର୍ନିଟି ଲିଭ୍) ପାଇବା ନିମିତ ଅଯୋଗ୍ୟା ବିବେଚିତ ହେଉଥିଲେ। ଏଭଳି ଏକ ସଂପୂର୍ଣ୍ଣ ରୂପେ ସମ୍ବେଦନାହୀନ, ମନମୁଖୀ ତଥା ଅନ୍ୟାୟ ନିୟମର ପ୍ରଣେତାମାନେ ନିଶ୍ଚିତ ରୂପେ ବିଶ୍ୱାସ କରନ୍ତି ଯେ ମାତୃତ୍ୱ ହେଉଛି କେବଳ ମାତ୍ର ଏକ ଜୈବିକ ପ୍ରକ୍ରିୟା, ଯାହା ପ୍ରସବ ଉପରେ ସଂପୂର୍ଣ୍ଣ ରୂପେ ନିର୍ଭରଶୀଳ: କେବଳ ଦେବକୀମାନେ ମାତୃତ୍ୱର ଅଧିକାରିଣୀ ହୋଇଥାନ୍ତି, ଯଶୋଦାମାନେ ମାତୃତ୍ୱ ଦାବି କରିବାକୁ ହକ୍‌ଦାର ନୁହନ୍ତି। ଏଥିରେ କୌଣସି ସନ୍ଦେହ ନାହିଁ ଯେ ମାତୃତ୍ୱ ସହିତ ଜନ୍ମଦାତ୍ରୀଙ୍କର ସଂପର୍କ ହେଉଛି ମୌଳିକ ଓ ଅବିଚ୍ଛେଦ୍ୟ; କିନ୍ତୁ ଏହା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ ଜଣେ ପୋଷ୍ୟ ସନ୍ତାନ ଗ୍ରହଣକାରିଣୀ ବା ପୋଷ୍ୟ-ଜନନୀ ମାତୃତ୍ୱର ଯେଉଁ ଦାୟିତ୍ୱ ବହନ କରିଥାନ୍ତି, ତାହା କେତେକ ଦୃଷ୍ଟିରୁ ବହୁ ଅଧିକ କଷ୍ଟସାଧ୍ୟ ଓ ଜଟିଳ ହୋଇଥାଏ। ଏହାର କାରଣ, ସନ୍ତାନ ସହିତ ଜନ୍ମଦାତ୍ରୀଙ୍କର ଆବେଗିକ ବନ୍ଧନ ପ୍ରାକୃତିକ ହୋଇଥିବା ବେଳେ, ପୋଷ୍ୟ-ଜନନୀଙ୍କୁ ଅତ୍ୟନ୍ତ ଯତ୍ନର ସହିତ ପୋଷ୍ୟ ସନ୍ତାନ ସହିତ ଆବେଗିକ ସଂପର୍କ ପ୍ରତିଷ୍ଠା କରିବାକୁ ହୋଇଥାଏ, ଯାହା ହେଉଛି ସ୍ୱାଭାବିକ ଭାବରେ ଏକ ସମୟସାପେକ୍ଷ ପ୍ରକ୍ରିୟା। ବର୍ତ୍ତମାନ ଅସିଦ୍ଧ ଘୋଷିତ ହୋଇଥିବା ଆଇନରେ ପୋଷ୍ୟ ସନ୍ତାନ ଗ୍ରହଣ କ୍ଷେତ୍ରରେ 'ମାଟର୍ନିଟି ଲିଭ୍'କୁ ସନ୍ତାନର ସର୍ବୋଚ୍ଚ ତିନି ମାସର ବୟସ ସୀମା ସହିତ ସଂଯୁକ୍ତ କରାଯାଉଥିବା ବେଳେ ବାସ୍ତବରେ ଯାହା ଦେଖିବାକୁ ମିଳିଥାଏ, ତାହା ହେଲା, ଶିଶୁଟିଏ ପୋଷ୍ୟ ସନ୍ତାନ ରୂପେ ଅନ୍ୟ ଏକ ନାରୀଙ୍କର କୋଳରେ ପ୍ରବେଶ କଲାବେଳକୁ ତା'ର ବୟସ ତିନି ମାସରୁ ଅଧିକ ହୋଇଥାଏ। ଏଭଳି ପୋଷ୍ୟ ସନ୍ତାନର ଲାଳନପାଳନ ଓ ଆବେଗିକ ଆବଶ୍ୟକତା ପୂରଣ ପାଇଁ ପୋଷ୍ୟ-ଜନନୀଙ୍କୁ ବହୁ ଅଧିକ ସମୟ ଓ ଶକ୍ତି ବିନିଯୋଗ କରିବାକୁ ପଡୁଥିଲେ ହେଁ, ପୂର୍ବର ନିୟମ ଅନୁସାରେ ତାଙ୍କୁ ସେଥିପାଇଁ ଆଦୌ ମାତୃତ୍ୱ ଛୁଟି ମିଳି ପାରୁ ନ ଥିଲା। ବିଶେଷ କରି ଯେ ?ଯଉଁଠି ପରିତ୍ୟକ୍ତ କିମ୍ବା କୌଣସି ଆଶ୍ରୟ ଗୃହରେ ରହିଥିବା ଅଧିକ ବୟସର ଶିଶୁମାନଙ୍କୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରାଯାଇଥାଏ, ସେଭଳି ଶିଶୁମାନଙ୍କ ମନସ୍ତତ୍ତ୍ୱ ଏପରି ଆହତ ହୋଇଥାଏ ଯେ ସେମାନଙ୍କ ଠାରେ ବିଶ୍ୱାସ, ମନସ୍ତାତ୍ତ୍ୱିକ ନିରାପତା ଜନ୍ମାଇବା ପାଇଁ ଓ ସେମାନଙ୍କୁ ଆବେଗିକ ସଂପର୍କ ପ୍ରତିଷ୍ଠା କରିବା ନିମିତ ପ୍ରବର୍ତାଇବା ପାଇଁ ପୋଷ୍ୟ-ପିତାମାତାଙ୍କୁ ଦୀର୍ଘ ଓ କଠିନ ପରିଶ୍ରମ କରିବାକୁ ପଡ଼ିଥାଏ। କ୍ୟାରଲ୍ ଗିଲିଗାନ୍ ଓ ଜୋନ୍ ଟ୍ରୋଟୋଂଙ୍କ ପରି ନାରୀବାଦୀ ଦାର୍ଶନିକାମାନଙ୍କ ଯୁକ୍ତି ଅନୁସାରେ ଏଭଳି ଶିଶୁମାନଙ୍କୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିବା ଦ୍ୱାରା ସଂପୃକ୍ତ ଦଂପତି ସମାଜର ଅଶେଷ ମଙ୍ଗଳ ସାଧନ କରିଥାନ୍ତି। ତେଣୁ ସେ ପାଳିତ ସନ୍ତାନମାନଙ୍କର ଉପଯୁକ୍ତ ଯତ୍ନ ନେବା କେବଳ ସେ ଦଂପତି କିମ୍ବା ପାଳିତ-ଜନନୀଙ୍କର ଦାୟିତ୍ୱ ନୁହେଁ; ଏହା ମଧ୍ୟ ହେଉଛି ବୃହତ୍ତର ସମାଜର ଦାୟିତ୍ୱ। ସୁପ୍ରିମ୍ କୋର୍ଟ ପ୍ରକାରାନ୍ତରେ ଏଇ ମତବାଦକୁ ସମର୍ଥନ କରି ଉପରୋକ୍ତ ପଦକ୍ଷେପ ନେଇଛନ୍ତି। ଏଥିସହିତ ମାନ୍ୟବର ସର୍ବୋଚ୍ଚ ଅଦାଲତ ସମ୍ମାନ ଓ ସମାନତା ଉପରେ ଗୁରୁତ୍ୱ ଆରୋପ କରି ସାବ୍ୟସ୍ତ କରିଛନ୍ତି ଯେ ସବୁ କିସମର ମାତୃତ୍ୱ ହେଉଛି ସମାନ ସମ୍ମାନ ଲାଭ କରିବା ଲାଗି ହକ୍ ?ଦାର। ଲିଙ୍ଗ-ନ୍ୟାୟ ଦୃଷ୍ଟିକୋଣରୁ ଅଦାଲତଙ୍କର ଏହି ପଦକ୍ଷେପ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇଥାଏ। ଏହା ଯେଉଁ ବିଚାରଧାରା ଉପରେ ପ୍ରତିଷ୍ଠିତ, ତାହା ହେଲା- ସମସ୍ତଙ୍କ ପ୍ରତି ଗାଣିତିକ ଭାବରେ ସମାନ ଆଚରଣ ପ୍ରଦର୍ଶନ ଦ୍ୱାରା ପ୍ରକୃତ ସମାନତା ହାସଲ ହୋଇ ନ ଥାଏ; ବିଷମ ପରିସ୍ଥିତିରେ ରହିଥିବା ନାଗରିକମାନଙ୍କ ପ୍ରତି ସେମାନଙ୍କର ଆବଶ୍ୟକତା ଅନୁଯାୟୀ ବିଷମ ଆଚରଣ ପ୍ରଦର୍ଶନ ଦ୍ୱାରା ହିଁ ଅସଲ ସମାନତା ହାସଲ ହୋଇଥାଏ। ପୋଷ୍ୟ ସନ୍ତାନ ଗ୍ରହଣ କରୁଥିବା ଜନନୀମାନଙ୍କୁ ଆମ ସମାଜରେ ଯେଉଁ ସମସ୍ତ ବିଶେଷ ଧରଣର ଆହ୍ୱାନମାନଙ୍କର ସମ୍ମୁଖୀନ ହେବାକୁ ପଡ଼ିଥାଏ, ସେଥିରେ ଅନ୍ତର୍ଭୁକ୍ତ- ଜଟିଳ ଆଇନଗତ ପ୍ରକ୍ରିୟାରୁ ଆରମ୍ଭ କରି ସାମାଜିକ ଭ୍ରୂ-କୁଚଂନ ଏବଂ ପୋଷ୍ୟ ଶିଶୁଟିକୁ ପରିବାରର ଏକ ସ୍ୱାଭାବିକ ଅଂଶରେ ପରିଣତ କରିବା ପାଇଁ ତା'ର ପ୍ରତ୍ୟେକ ଚାଲିଚଳନ ପ୍ରତି ଅହରହ ଧ୍ୟାନ ପ୍ରଦାନର ଆବଶ୍ୟକତା। ଏଭଳି ଜନନୀମାନଙ୍କୁ ଯଥେଷ୍ଟ ମାତୃତ୍ୱ ଛୁଟି ପ୍ରଦାନ ଏକ ଦୟା ପ୍ରଦର୍ଶନ ନୁହେଁ, ଏହା ହେଉଛି ସେମାନେ ଉଭୟ ବୃତିଗତ ଓ ପାରିବାରିକ ଦାୟିତ୍ୱମାନ ତୁଲାଇବାରେ ସମାନ ଭାବରେ ଅଂଶଗ୍ରହଣ କରିପାରିବା ଲାଗି ଆବଶ୍ୟକ କରୁଥିବା ସର୍ବନିମ୍ନ ସୁବିଧା। ସୁପ୍ରିମ୍ କୋର୍ଟଙ୍କର ରାୟ ସେମାନଙ୍କୁ ଏଇ ସୁବିଧା ଯୋଗାଇବା ନିମିତ ଉଦ୍ଦିଷ୍ଟ ହୋଇଥିଲେ ହେଁ ଏହାର ପ୍ରତୀକାତ୍ମକ ତାତ୍ପର୍ଯ୍ୟ ସୁଦୂରପ୍ରସାରୀ ହୋଇଥାଏ: ଏହା ମାତୃତ୍ୱର ଆଧାର ରୂପେ ପୋଷ୍ୟ ସନ୍ତାନ ଗ୍ରହଣକୁ ପ୍ରସବ ଭଳି ଏକ ଜୈବିକ ପ୍ରକ୍ରିୟା ସହିତ ସମାନ ଆଇନଗତ ମର୍ଯ୍ୟାଦା ପ୍ରଦାନ କରିଥାଏ। ଅଦାଲତ ଅନୁଭବ କରିଛନ୍ତି ଯେ କେବଳ ପ୍ରସବ ବାତ୍ସଲ୍ୟର ଉତ୍ସ ନୁହେଁ, ପୋଷ୍ୟ ସନ୍ତାନ ଗ୍ରହଣ ମଧ୍ୟ ଅନୁରୂପ ବାତ୍ସଲ୍ୟ ସୃଷ୍ଟି କରିପାରେ। ସତେ ଯେମିତି ଅଭିମନ୍ୟୁ ରଚିତ ଯଶୋଦାଙ୍କର ସେଇ ପ୍ରସିଦ୍ଧ ବିଳାପ ମାନ୍ୟବର ନ୍ୟାୟମୂର୍ତ୍ତିମାନଙ୍କର କାନରେ ପଡ଼ିଛି: ''ଧୀରେ ଘେନ କାନନରେ କୃଷ୍ଣ ବିଳମ୍ବିତ / ବାତ୍ସଲ୍ୟ ମମତା ଘେନି ଭାଳୁଛନ୍ତି ମାତ।'' ଅଦାଲତଙ୍କର ଏଇ ରାୟ ନିଶ୍ଚିତ ରୂପେ ଭାରତରେ ଏଣିକି ପୋଷ୍ୟ ସନ୍ତାନ ଗ୍ରହଣକୁ ଉତ୍ସାହିତ କରିବ, ଯାହା ଦେଶରେ ଆଶ୍ରୟ ଆବଶ୍ୟକ କରୁଥିବା ଅନେକ ଅସହାୟ ଶିଶୁମାନଙ୍କ ପାଇଁ ଏକ ବରଦାନ ସଦୃଶ ହୋଇଥାଏ। : 'ମଧୁରେଣ ସମାପୟେତ୍' ଚିନ୍ମୟ ହୋତାଙ୍କ ତୃତୀୟ ସ୍ତମ୍ଭ ସମ୍ପାଦକୀୟରେ ଏଥର....ତେବେ ସମାଲୋଚକମାନେ ଯୁକ୍ତି କରିପାରନ୍ତି ଯେ ଏଭଳି ଉଦାର ମାତୃତ୍ୱ ଛୁଟି ବ୍ୟବସ୍ଥାର ପ୍ରବର୍ତ୍ତନ ଅର୍ଥନୈତିକ ଦୃଷ୍ଟିରୁ ନିଯୁକ୍ତିଦାତାମାନଙ୍କ ପାଇଁ କ୍ଷତିକାରକ ହେବ ଓ ସେମାନେ ମହିଳାମାନଙ୍କୁ ନିଯୁକ୍ତି ପ୍ରଦାନ କରିବା ପାଇଁ ଅଧିକ କୁଣ୍ଠା ପ୍ରଦର୍ଶନ କରିବେ। ଏଭଳି ଯୁକ୍ତି କିନ୍ତୁ ସ୍ପଷ୍ଟ ରୂପେ ଦୂରଦୃଷ୍ଟିହୀନ ହୋଇଥାଏ ଏବଂ ଏହି ସମାଲୋଚକମାନେ ସମାଜ ଓ ଅର୍ଥନୀତି ପାଇଁ ସୁପ୍ରିମ୍ କୋର୍ଟଙ୍କର ଏଇ ପଦକ୍ଷେପରୁ ଉପଲବ୍ଧ ହେବାକୁ ଯାଉଥିବା ଦୀର୍ଘକାଳୀନ ଲାଭ ସମ୍ବନ୍ଧରେ ସଚେତନ ନୁହନ୍ତି: ପୋଷ୍ୟ-ଜନନୀମାନଙ୍କୁ ମାତୃତ୍ୱ ଛୁଟି ଉପଲବ୍ ?ଧ ହେବା ଦ୍ୱାରା ସେମାନଙ୍କ ପକ୍ଷରେ ବୃତି ଓ ପରିବାର ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଅଧିକ ସହଜ ହେବ ଏବଂ ଏଥିଯୋଗୁଁ ସେମାନଙ୍କର ଉତ୍ପାଦନଶୀଳତାରେ ଉନ୍ନତି ଘଟିବ; ଏକ ଯତ୍ନଶୀଳ ପରିବାରରେ ସୁରକ୍ଷିତ, ସୁସ୍ଥ ଶୈ ?ଶବ ବିତାଇଥିବା ପାଳିତ ଶିଶୁମାନେ ସମାଜ ଓ ଦେଶ ପାଇଁ ଭବିଷ୍ୟତରେ ଅଧିକ ଯୋଗ୍ୟ ଓ ଉତ୍ପାଦନଶୀଳ ନାଗରିକରେ ପରିଣତ ହେବାର ଦୃଢ଼ ସମ୍ଭାବନା ଉପସ୍ଥିତ ଥାଏ। ସୁପ୍ରିମ୍ କୋର୍ଟଙ୍କର ପଦକ୍ଷେପ ତେଣୁ କେବଳ ଯଶୋଦାଙ୍କ ହିତ ପାଇଁ ନୁହେଁ, ସମଗ୍ର ଗୋପର ମଙ୍ଗଳ ସାଧନ ପାଇଁ ଉଦ୍ଦିଷ୍ଟ।

ଏନ୍‌ଏଚ୍‌ଆରସି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଙ୍କ ଏମ୍ସ ଭୁବନେଶ୍ୱର ପରିଦର୍ଶନ

ଭୁବନେଶ୍ୱର: ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି)ର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ (ମାନବାଧିକାର ଶିକ୍ଷା ଏବଂ ଲିଙ୍ଗ ସମାନତା) ପ୍ରଫେସର କହ୍ନେୟା ତ୍ରିପାଠୀ ଗତକାଲି ଏମ୍ସ ଭୁବନେଶ୍ୱର ପରିଦର୍ଶନ କରିଥିଲେ। ଏହି ଅବସରରେ ଶ୍ରୀ ତ୍ରିପାଠୀ ମାନବାଧିକାର ଶିକ୍ଷା, ରୋଗୀସେବାରେ ସମାନତା ଏବଂ ଲିଙ୍ଗ-ସମ୍ବେଦନଶୀଳ ସ୍ୱାସ୍ଥ୍ୟସେବା ଅଭ୍ୟାସ କ୍ଷେତ୍ରରେ ଏମ୍ସ ଭୁବନେଶ୍ୱର ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପର ସମୀକ୍ଷା କରିଥିଲେ। ଏଥିସହିତ ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସଙ୍କ ସମେତ ବରିଷ୍ଠ ଅଧ୍ୟାପକ, ପ୍ରାଶାସନିକ ଅଧିକାରୀ ଏବଂ ବିଭାଗୀୟ ପ୍ରତିନିଧିଙ୍କ ସହିତ ବିସ୍ତୃତ ଆଲୋଚନା ମଧ୍ୟ କରିଥିଲେ। ସମସ୍ତଙ୍କୁ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନ, ନିୟମିତ ଚିକିତ୍ସା ଅଭ୍ୟାସରେ ମାନବାଧିକାର ନୀତିଗୁଡ଼ିକର ଉତ୍ତମ ଅନୁପାଳନ ନିମନ୍ତେ ଏମ୍ସ ଭୁବନେଶ୍ୱରଙ୍କ ପ୍ରଶଂସା କରିଥିଲେ ଏନ୍‌ଏଚ୍‌ଆରସି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ। ସ୍ୱାସ୍ଥ୍ୟସେବା ପାଇଁ ସମାନ ପ୍ରବେଶ, ସୂଚିତ ସମ୍ମତି, ରୋଗୀ ସମ୍ମାନ ଏବଂ ଅଣ-ପାକ୍ଷିକତା ଭଳି ପ୍ରମୁଖ ଦିଗଗୁଡ଼ିକୁ ଏକ ଅଧିକାର-ଭିତ୍ତିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଅତ୍ୟାବଶ୍ୟକ ଉପାଦାନ ଭାବରେ ଆଲୋକପାତ କରିଥିଲେ ଶ୍ରୀ ତ୍ରିପାଠୀ। ଏହି ଅବସରରେ ଏମ୍ସ ଭୁବନେଶ୍ୱରରେ ଏକ ଉତ୍ସର୍ଗୀକୃତ ମାନବାଧିକାର ପ୍ରକୋଷ୍ଠ ସ୍ଥାପନ ନେଇ ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରକୋଷ୍ଠ ରୋଗୀଙ୍କ ଅଭିଯୋଗକୁ ପ୍ରଭାବଶାଳୀ ଢଙ୍ଗରେ ସମାଧାନ କରିବା, ସଚେତନତା ଏବଂ ସମ୍ବେଦନଶୀଳତା କାର୍ଯ୍ୟକ୍ରମ ପରିଚାଳନା କରିବା, ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କ ପାଇଁ ତାଲିମ ଅଧିବେଶନ ଆୟୋଜନ କରିବା, ଏନ୍‌ଏଚ୍‌ଆରସି ନିର୍ଦ୍ଦେଶାବଳୀର ପାଳନ ସୁନିଶ୍ଚିତ କରିବା ପାଇଁ ଏକ ବ୍ୟବସ୍ଥା ଭାବରେ କାର୍ଯ୍ୟ କରିବ। ରୋଗୀ ସେବା ପ୍ରଦାନରେ ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ସହିତ ଏପରି ମାନବାଧିକାର ପ୍ରକୋଷ୍ଠ ସ୍ଥାପନ ନେଇ ସମର୍ଥନ ପ୍ରକାଶ କରିଥିଲେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ। ଏନ୍‌ଏଚ୍‌ଆରସିର ନିର୍ଦ୍ଦେଶାବଳୀ ସହିତ ସମନ୍ୱୟ ରଖି, ପ୍ରଚଳିତ ବ୍ୟବସ୍ଥାକୁ ଦୃଢ଼ କରିବାର ପୂର୍ଣ୍ଣ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ। ଏହି ବୈଠକରେ ଡିନ୍ ଡ. ପି. ଆର. ମହାପାତ୍ର, ଡିଡିଏ ଲେଫ୍ଟନାଂଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡ. ସୁଦୀପ୍ତ ରଞ୍ଜନ ସିଂହଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

Printed, Published, Edited and Owned by Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସମ୍ପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସମ୍ପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଦାୟୀ। ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକା ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA , Pin :769003

ତହସିଲଦାରଙ୍କ ନିଷ୍ପତିକୁ ବିରୋଧ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ସୋଡ଼ାମାଲ ସମନ୍ୱିତ ଆଦିବାସୀ ସମାଜ

ଝାରସୁଗୁଡା,୨୭/୩(ନି/ପ୍ର): ଝାରସୁଗୁଡା ଜିଲ୍ଲା କୋଲାବିରା ବ୍ଲକ ଅନ୍ତର୍ଗତ ସୋଡ଼ାମାଲ ମୌଜାକୁ ବିଭକ୍ତ କରି ଭୀମଯୋର, ଆମ୍ବଝରନ ଓ ରେଙ୍ଗାଲପାଳିକୁ ସ୍ୱତନ୍ତ୍ର ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ବଦଳରେ କୋଲାବିରା ତହସିଲଦାରଙ୍କ ପକ୍ଷରୁ ଗୋଚର ଜମିର କିସମ ପରିବର୍ତ୍ତନ ପାଇଁ ଚାଲିଥିବା ପ୍ରକ୍ରିୟାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଜମି କିସମ ପରିବର୍ତନରେ କୋଲାବିରା ତହସିଲଦାରଙ୍କ ନିଷ୍ପତ୍ତିକୁ ବିରୋଧ କରି ସୋଡ଼ାମାଲ ସମନ୍ୱିତ ଆଦିବାସୀ ସମାଜ ବୁଧବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସୋଡ଼ାମାଲ ସମନ୍ୱିତ ଆଦିବାସୀ ସମାଜଙ୍କ ଅଭିଯୋଗ ଅନୁଯାୟୀ ସୋଡ଼ାମାଲ ମୌଜାର ସାତଟି ୱାର୍ଡ ମଧ୍ୟରେ ଥିବା ଭୀମଯୋର, ଆମ୍ବଝରନ ଓ ରେଙ୍ଗାଲପାଳି ଗ୍ରାମଗୁଡ଼ିକ ରାଜସ୍ୱ ଗ୍ରାମ ପାଇଁ ଆବଶ୍ୟକ ସମସ୍ତ ସରକାରୀ ମାନଦଣ୍ଡ ପୂରଣ କରୁଛନ୍ତି। ମାତ୍ର ଦୀର୍ଘ ବର୍ଷର ଦାବି ସତ୍ୱେ ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରୁନାହିଁ। କୋଲାବିରା ତହସିଲଦାରଙ୍କ କୋର୍ଟରେ ଚାଲିଥିବା ଡି ଆର କେସ୍ ନଂ ୪୦/୨୦୨୫ ମାଧ୍ୟମରେ ସ୍ଥାନୀୟ ଗୋଚର ଜମିର କିସମ ପରିବର୍ତ୍ତନ ପାଇଁ ଉଦ୍ୟମ କରାଯାଉଛି। ଏହାଦ୍ୱାରା ଆଦିବାସୀ ବହୁଳ ଏହି ଅଞ୍ଚଳର ଲୋକଙ୍କ ସାମାଜିକ ଓ ଆର୍ଥିକ ସ୍ୱାର୍ଥ ବାଧାପ୍ରାପ୍ତ ହେବ ବୋଲି ଆଦିବାସୀ ସମାଜ ଅଭିଯୋଗ କରିଛନ୍ତି। ପେସା ଆଇନ ଅନୁଯାୟୀ ଆଦିବାସୀ ଅଞ୍ଚଳରେ ଯେକୌଣସି ନିଷ୍ପତି ପୂର୍ବରୁ ଗ୍ରାମସଭା ବା ପଲ୍ଲୀସଭାର ସମ୍ମତି ଆବଶ୍ୟକ। ମାତ୍ର ଏଠାରେ ସ୍ଥାନୀୟ ଲୋକଙ୍କ ସହ କୌଣସି ଆଲୋଚନା ନକରି ପ୍ରଶାସନ ନିଜ ଆଡୁ ନିଷ୍ପତି ନେଉଥିବା ଅଭିଯୋଗ ହୋଇଛି। ଏହା ସହିତ ଅଞ୍ଚଳର ବହୁ ପୁରାତନ ଅଧିବାସୀ ଏହି ଜମି ଉପରେ ସିଲିଂ ଓ ଲିଜ୍ ସୂତ୍ରରେ ଦଖଲ କରି ଚାଷକାର୍ଯ୍ୟ କରି ନିଜର ଗୁଜରାଣ ମେଂଟାଉଛନ୍ତି। ଏହି ଜମିରେ କାଜୁ ବଗିଚା କିମ୍ବା ଅନ୍ୟାନ୍ୟ ପ୍ରକଳ୍ପ ନାମରେ କିସମ ପରିବର୍ତନ କରାଗଲେ ଶତାଧିକ ପରିବାର ନିଜ ଜୀବିକା ହରାଇବେ । ତେଣୁ ଆଜି ସୋଡାମାଲ ପଚାଂୟତ ସମନ୍ୱିତ ଆଦିବାସୀ ସୋସାଇଟି ଏବଂ ସୋଡ଼ାମାଲ ଅଞ୍ଚଳବାସୀ ଏହି ଘଟଣାରେ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି । ତହସିଲଦାରଙ୍କ ପକ୍ଷରୁ ଉକ୍ତ ଲିଜ୍ ପ୍ରକ୍ରିୟାକୁ ତୁରନ୍ତ ପ୍ରତ୍ୟାହାର କରିବା ସହ ଏହାକୁ ମନେରଗା ମାଧ୍ୟମରେ ପଚାଂୟତ ବା ଗ୍ରାମବାସୀଙ୍କ ସହାୟତାରେ କାଜୁ ବଗିଚା କରିବାକୁ ଦାବି ହୋଇଛି। ଯଦି ପ୍ରଶାସନ ଏହି କିସମ ପରିବର୍ତନ ନିଷ୍ପତିରୁ ଓହରିବ ନାହିଁ ତେବେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସମନ୍ୱିତ ଆଦିବାସୀ ସମାଜର ନେଇ ଉପଦେଷ୍ଟା ପ୍ରେମସାଗର ଧୂରୁଆ, ସଭାପତି ପଦ୍ମିନୀ ମୁଣ୍ଡ, ସମ୍ପାଦକ ତପନ କାଲୋ ଓ ଉପସଭାପତି ନୀଳାଦ୍ରି କାଲୋ, ପୂର୍ବତନ ସରପଞ୍ଚ ବଳରାମ ପାଣ୍ଡେଙ୍କ ସହିତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

ଝାରସୁଗୁଡ଼ାରେ ରାଜ୍ୟସ୍ତରୀୟ ଟେକ୍ନୋମାନିଆ ୩.୦ ଉଦ୍‌ଘାଟିତ

ଝାରସୁଗୁଡ଼ା,୨୭/୩(ନି/ପ୍ର): ଝାରସୁଗୁଡା ଯାନ୍ତ୍ରିକ ବିଦ୍ୟାଳୟ ପରିସରରେ ଇଣ୍ଡିଆନ ସୋସାଇଟି ଫର ଟେକ୍ନିକାଲ ଷ୍ଟୁଡେଂଟ ଚାପଟର ତରଫରୁ ରାଜ୍ୟସ୍ତରୀୟ ଟେକଫେଷ୍ଟ ଟେକ୍ନୋମାନିଆ ୩.୦ ଉଦ୍ଘାଟନ ସମାରୋହ ଅନୁଷ୍ଠିତ ହୋଇଯାଇଅଛି । ଏହି ସମାରୋହରେ ଝାରସୁଗୁଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ରିନତା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷକ ଆଶିଷ ଲେଙ୍କା ଏବଂ ଅଦାନୀ ତଲାବିରା ମାଇନ୍ସର ମାନବ ସମ୍ବଳ ମୁଖ୍ୟ ପ୍ରଭାକର ସିଂ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ଚହ୍ୱାଣ କହିଥିଲେ ଯେ, ଆଧୁନିକ ଯୁଗରେ ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱ ଅପରିସୀମ। ଆଗାମୀ ଦିନରେ ରୋବୋଟିକସ୍ ଏବଂ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସକୁ ନେଇ ଏଭଳି ପ୍ରତିଯୋଗିତା ଆୟୋଜନ କଲେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ପ୍ରତିଯୋଗିତାମୂଳକ ବାତାବରଣ ସୃଷ୍ଟି ହେବ। ଇଞ୍ଜିନିୟରମାନେ ନିଜ ଦକ୍ଷତା ଦ୍ୱାରା ସମାଜର ଦୈନନ୍ଦିନ ସମସ୍ୟାର ସହଜ ସମାଧାନ କରିବା ଉଚିତ ।ଟେକ୍ନୋଲୋଜି ମାଧ୍ୟମରେ କିଭଳି ନିଜର ଭବିଷ୍ୟତ ଉଜ୍ଜ୍ୱଳମୟ କରିହେବ, ସେନେଇ ସେ ଛାତ୍ରଛାତ୍ରୀଙ୍କୁ ସେ ଅବଗତ କରାଇଥିଲେ। ଏହି ଦୁଇ ଦିନିଆ ମହୋତ୍ସବରେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ପଲିଟେକନିକ୍ ଅନୁଷ୍ଠାନର ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସିଭିଲ୍ ବିଭାଗର ମୁଖ୍ୟ ତଥା ଇଭେଂଟ କୋର୍ଡିନେଟର ଅମିତ କୁମାର ସାହୁ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହେଉଥିବା ୫ଟି ମୁଖ୍ୟ ପ୍ରତିଯୋଗିତା ସମ୍ପର୍କରେ ଅତିଥିମାନଙ୍କୁ ଅବଗତ କରାଇଥିଲେ। ବିଶେଷ କରି ସିଭିଲ୍, ମେକାନିକାଲ୍, ଇଲେକ୍ଟ୍ରିକାଲ୍ ଏବଂ ଆଇଓଟି ଭଳି ବିଭାଗରେ ପ୍ରକଳ୍ପ ପ୍ରଦର୍ଶନୀ ଆୟୋଜିତ ହେଉଛି। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବୃଦ୍ଧି କରିବା ସହ ନୂତନ ଉଦ୍ଭାବନ ଦିଗରେ ସେମାନଙ୍କୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଅଟେ। ଏହି ସମାରୋହରେ ଆଇଟି ବିଭାଗ ମୁଖ୍ୟ ଡକ୍ଟର ଅନିତା ବ୍ରହ୍ମା ଏବଂ ଇଲେକ୍ଟ୍ରିକାଲ୍ ବିଭାଗ ମୁଖ୍ୟ ଅଷ୍ଟମିତା ମିଶ୍ର ମଂଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଅନୁଷ୍ଠାନର ସମସ୍ତ କର୍ମକର୍ତା ଏବଂ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ପ୍ରମୁଖ ସହଯୋଗ କରିଛନ୍ତି।

ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ବରିଷ୍ଠ ସମାଜସେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡା,୨୭/୩: କେନ୍ଦ୍ରାପଡା ପୌରାଂଚଳର ଗୋପ ଗ୍ରାମର ବାସିନ୍ଦା ବରିଷ୍ଠ ନାଗରିକ ସ୍ୱର୍ଗତ ମଧୁସୂଦନ ରାଉତଙ୍କ ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ରାଉତ ୮୫ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି ।ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ବିଜେପି ନେତ୍ରୀ ଗୀତାଞ୍ଜଳୀ ସେଠୀ, ରାଜେଶ ମହାନ୍ତି, ପୂର୍ବତନ କାଉନସିଲର ହିରଣ୍ୟ ପଣ୍ଡା, କାଳୀ ପ୍ରସାଦ ମିଶ୍ର, ଦୁର୍ଗା ପ୍ରସାଦ ପତି, ସମାଜସେବୀ ରଞ୍ଜିତ ସାହୁ, ବିଜୟ ମଣ୍ଡଳ, ଶରତ ବେହୁରା, ଡ଼ଃ. ଜ୍ୟୋସ୍ନାରାଣୀ ଜେନା, ଅମୀୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ନୂଆପଡ଼ାରେ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ

ନୂଆପଡ଼ା,୨୭/୩(ନିପ୍ର): ନୂଆପଡ଼ା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ସିଡିଏମଓ ଡ.ଧନେଶ୍ୱର ସେଠୀ ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲାପାଳ ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁହାର କମେଇବାକୁ ସର୍ବାଧିକ ଗୁରୁତ୍ୱ ଦେଇ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ଜୋର ଦେଇଥିଲେ। ଗତ ଫେବୃଆରୀ ମାସରେ ୩ଟି ମାତୃ ମୃତ୍ୟୁ ଓ ୧୮ଟି ଶିଶୁ ମୃତ୍ୟୁ ଘଟଣା ରିପୋର୍ଟ ହୋଇଥିବାରୁ ସେଗୁଡ଼ିକର ମୂଳ କାରଣ ଚିହ୍ନଟ କରି ନିରାକରଣମୂଳକ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ଆଂଟିନେଟାଲ କେୟାର କ୍ଷେତ୍ରରେ ୧୦୩ ପ୍ରତିଶତ ଲକ୍ଷ୍ୟ ହାସଲ ହୋଇଛି ଏବଂ ଡେଲିଭେରି ପଏଂଟରେ ନବଜାତ ଶିଶୁ ସ୍କ୍ରିନିଂ ୯୪ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିଛି, ଯାହାକୁ ନେଇ ଜିଲ୍ଲାପାଳ ସନ୍ତୋଷ ପ୍ରକାଶ କରିଥିଲେ। ସମସ୍ତ ସୂଚକରେ ସୁଧାର ଆଣିବାକୁ ମଧ୍ୟ ସେ କହିଥିଲେ। ଜିଲ୍ଲାପାଳ ସମସ୍ତ ବିଦ୍ୟାଳୟରେ ଶିଶୁଙ୍କ ପାଇଁ ସ୍ୱାସ୍ଥ୍ୟ ପରିଚୟ ପତ୍ର (ଆଭା ଆଇଡି) ସୃଷ୍ଟି କରି ସ୍ୱାସ୍ଥ୍ୟ ତଥ୍ୟକୁ ଡିଜିଟାଲ ମାଧ୍ୟମରେ ସଂରକ୍ଷଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରୂପେ ୮୦ ବର୍ଷ ଉର୍ଦ୍ଧ୍ୱ ବୟସ୍କ ନାଗରିକମାନଙ୍କ ପାଇଁ ଘରେ ଘରେ ସ୍ୱାସ୍ଥ୍ୟ ସେବା ପହଚାଂଇବାକୁ ବିଶେଷ 'ଅଭିଯାନ' ଆରମ୍ଭ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଅଭିଯାନ ଅନ୍ତର୍ଗତ ସ୍ୱାସ୍ଥ୍ୟ କର୍ମୀମାନେ ପ୍ରତି ମାସ ଥରେ ବରିଷ୍ଠ ନାଗରିକ ମାନଙ୍କ ଘରକୁ ଯାଇ ତାଙ୍କ ରକ୍ତ ଚାପ ଓ ମଧୁମେହ

ମରାଡୁଗୋଛା ତେଲନଦୀ କୂଳରୁ ୫୦ କିଲୋ ଗଞ୍ଜେଇ ଜବତ

ସୋନପୁର,୨୭/୩(ନି/ପ୍ର): ବୌଦ୍ଧ ଜିଲ୍ଲା କଟାଂମାଳ ଅଞ୍ଚଳରୁ ଗଞ୍ଜେଇ ଆଣି ଚୋରା ଚାଲାଣ ପାଇଁ ମରାଡୁଗୋଛା ତେଲନଦୀ କୂଳରେ ଗଚ୍ଛିତ ରଖିଥିବା ବେଳେ ତରଭା ପୁଲିସ ମାଡ଼ି ବସିଛି। ସେଠାରେ ଥିବା ପ୍ରାୟ ୮/୧୦ ଜଣ ମାଫିଆ ପୁଲିସକୁ ଦେଖି ଫେରାର ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ କଟାଂମାଳ ଥାନା ବନ୍ଧପାଲି ଗ୍ରାମର ଗଞ୍ଜେଇ ମାଫିଆ ରାମ ସାହୁକୁ ଚିହ୍ନଟ କରିଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ ୫୦ କି.ଗ୍ରା ୧୦୦ ଗ୍ରାମ ଥିବା ଜଣାଯାଇଛି। ଏସପି ନାରାୟଣ ନାୟକ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦେଇଛନ୍ତି। ସୋମବାର ସକାଳ ପ୍ରାୟ ୯ଟା ସମୟରେ ଆଇଆଇସି ଅନିତା କିଡୋ ସଦଳବଳେ ମରାଡୁଗୋଛା, ଲକ୍ଷ୍ମୀମୁଣ୍ଡା, ଗୁଞ୍ଜିମୁଣ୍ଡା ଓ ଦେଓଗାଁ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଗଞ୍ଜେଇ ଚାଲାଣର ସୂଚନା ପାଇଁ ଚଢ଼ଉ କରିଥିଲେ। ଦୁଇଟି ବଡ଼ ବ୍ୟାଗରେ ମୋଟ ୫୦ଟି ଛୋଟ ପ୍ୟାକେଟ ରହିଥିଲା। ଏନେଇ ତରଭା ପୁଲିସ ଏକ ମାମଲା(କେସ ନଂ ୧୦୯/୨୩.୩.୨୦୨୬) ରୁଜୁ କରି ମାଫିଆଙ୍କୁ ଖୋଜୁଛି। ଜବତ ଗଞ୍ଜେଇର ବଜାର ଦର ୫ ଲକ୍ଷ ୧ ହଜାର ୧୦୦ ଟଙ୍କା ଆକଳନ କରାଯାଇଛି।

ପେନସନ ଭେଲିଡେସନ ଆକ୍ଟ ୨୦୨୫ ପ୍ରତ୍ୟାହାର ଦାବିରେ ବିକ୍ଷୋଭ

ସମ୍ବଲପୁର,୨୭/୩(ନି/ପ୍ର): ପେନସନ ଭେଲିଡେସନ ଆକ୍ଟ ପ୍ରତ୍ୟାହାର ଦାବୀ ନେଇ ଆଜି ଅବସରପ୍ରାପ୍ତ ଶିକ୍ଷକ ଏବଂ କର୍ମଚାରୀ ମାନେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ସର୍ବଭାରତୀୟ ପେନସନର ଫେଡରେସନ ଓ ଓଡିଶା ରାଜ୍ୟ ଶିକ୍ଷକ କର୍ମଚାରୀ ସଂଗଠନ ର ଆହ୍ୱାନ କ୍ରମେ ସମ୍ବଲପୁର ଜିଲ୍ଲା ଶିକ୍ଷକ ଓ କର୍ମଚାରୀ ସଂଘ ତରଫରୁ ଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ଙ୍କ ଅନୁପସ୍ଥିତି ରେ ଅତିରିକ୍ତ ଜିଲାପାଳ ସୁଧାଂଶୁ କୁମାର ଭୋଇ ସ୍ମାରକ ପତ୍ର ଗ୍ରହଣ କରିଥିଲେ ।ଆସନ୍ତା ଅଷ୍ଟମ ଦରମା ସମିକରଣ କମିଟି ର ସୁପାରିଶକୁ ଚଳିତ ବର୍ଷ ଜାନୁୟାରୀ

୧ ତାରିଖ ପୂର୍ବରୁ ଅବସର ନେଇଥିବା କେନ୍ଦ୍ର ଓ ରାଜ୍ୟର ପେନସନ ଭୋଗୀଙ୍କ ପାଇଁ ଲାଗୁ ନକରିବା ପାଇଁ ସଂସଦରେ ଗତ ବର୍ଷ ମାର୍ଚ୍ଚ ୨୫ ରେ ତରବରିଆ ଭାବେ କେନ୍ଦ୍ର ସରକାର ଏହି ଆକ୍ଟ କୁ ଗୃହୀତ କରାଇଛନ୍ତି। ଏହାଦ୍ୱାରା ସମଗ୍ର ଦେଶ ରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପେନସନର ମାନେ ନାହିଁ ନ ଥିବା କ୍ଷତି ର ସମ୍ମୁଖୀନ ହେବେ ଓ ପେନସନ ଏକପ୍ରକାର ସ୍ଥାଣୁ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ଏହି ଆକ୍ଟ କୁ ଏକ କଳା ଆଇନ ଦର୍ଶାଇ ସମଗ୍ର ଦେଶ ର ପ୍ରତିବାଦ ସ୍ୱରୂପ ଆଜି ସମ୍ବଲପୁର ଜିଲ୍ଲା ରେ ସ୍ମାରକ ପତ୍ର ପ୍ରଦାନ କରାଯାଇ ଏହି ଆଇନକୁ ପ୍ରତ୍ୟାହାର ଦାବି କରାଯାଇଛି। ସଂଗଠନ ର ସଭାପତି ହୀରାଲାଲ ବାରିକ ଓ ସମ୍ପାଦକ ରାଜେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ବିଭିନ୍ନ ବ୍ଲକ ର ଅନେକ ଶିକ୍ଷକ ପ୍ରତିନିଧି ଆନ୍ଦୋଳନ ରେ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ମଧ୍ୟ ଯଦି ଏହି ଆଇନ ପ୍ରତ୍ୟାହାର ନ ହୁଏ ଆଗାମୀ ଦିନ ଭୟଙ୍କର ଆନ୍ଦୋଳନ ହେବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।

ସଙ୍କଟ ମୋଚନ ଆଖଡ଼ା, ଭୀମଚୌକ ସେନା ପକ୍ଷରୁ ବାଇକ ଶୋଭାଯାତ୍ରା

ଝାରସୁଗୁଡା,୨୭/୩(ନି/ପ୍ର):ଝାରସୁଗୁଡା ସହରସ୍ଥ ସଙ୍କଟ ମୋଚନ ଆଖଡ଼ା ଓ ଭୀମସେନା ଚୌକ ପକ୍ଷରୁ ରାମ ନବମୀ ଉପଲକ୍ଷେ ଏକ ବିରାଟ ବାଇକ ଶୋଭାଯାତ୍ରା ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଝାରସୁଗୁଡାର ପୂର୍ବତନ ବିଧାୟିକା ଦୀପାଳୀ ଦାସ, ଯୁବନେତା ବିଶାଳ ଦାସ ଶୋଭାଯାତ୍ରା ଯୋଗ ଦେଇଥିବା ବେଳେ ଏହା ସରବାହାଲ ଠାରୁ ଆରମ୍ଭ ହୋଇ ବେହେରାମାଲ ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ।ଶୋଭାଯାତ୍ରାଟି ଜୟ ଶ୍ରୀରାମ ନାରାରେ ପ୍ରକମ୍ପିତ ହେବା ସହ ସହରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା ।

ପାଇପ୍‌ରୁ ବୋହୁଛି ଅମୂଲ୍ୟ ଜଳ ;ଶୋଷିଲା କଣ୍ଠରେ ଅପେକ୍ଷା କରିଛନ୍ତି ଗ୍ରାମବାସୀ

ରେଙ୍ଗାଲିକ୍ୟାମ୍ପ,୨୭/୩(ନି/ପ୍ର): ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଅମଲିପାଲି ପଚାଂୟତରେ ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କୁ ଘରକୁ ଘର ପାନୀୟ ଜଳ ଯୋଗାଇ ଦେବାକୁ କୋଟି କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇ ପ୍ରକଳ୍ପ ନିର୍ମାଣ କରାଯାଇଛି। ହେଲେ ବର୍ତ୍ତମାନ ପାନୀୟ ଜଳ ପାଇବାରୁ ଲୋକେ ବଂଚିତ ହେଉଛନ୍ତି। ପମ୍ପ ଚଳାଇ ଟାଙ୍କିରୁ ଘରକୁ ଘର ପାନୀୟ ଜଳ ଯୋଗାଣ କରିବା ସମୟରେ ପାଇପ ଗୁଡ଼ିକ ମଝିରେ ମଝିରେ ଫାଟି ଯାଇଥିବାରୁ ପାଣି ଘରର ଟେଟଂପୋଷ୍ଟକୁ ନଯାଇ ଗାଁ ରାସ୍ତାରେ କୃତ୍ରିମ ବନ୍ୟା ସୃଷ୍ଟି କରୁଛି। ଫଳରେ ବାଧ୍ୟ ହୋଇ ପମ୍ପ ବନ୍ଦ କରିବାକୁ ପଡୁଛି। ପୁଣି ପ୍ରକଳ୍ପ ଆବର୍ଜନାମୟ ହେଲାଣି। ଯେପର୍ଯ୍ୟନ୍ତ ଟାଙ୍କିରୁ ଘରକୁ ଘର ଯାଇଥିବା ପାଇପ ଲାଇନ ଗୁଡ଼ିକ ମରାମତି କରାନଯାଏ ସେତେ ଦିନ ଧରି ଲୋକେ ପାନୀୟ ଜଳ ପାଇବାରୁ ବଂଚିତ ହେବେ। ଏହି ମେଗା ଜଳ ପ୍ରକଳ୍ପରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇ ପ୍ରତି ଗ୍ରାମରେ ଘରକୁ ଘର ଜଳ ଯୋଗାଣ ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏବେ ଅନେକ ପ୍ରକଳ୍ପ ଖତ ଖାଉଛି। କେଉଁଠି ଟାଙ୍କି ଶୁଖିଲା ପଡ଼ିଛି ତ ଆଉ କେଉଁଠି ପାଇପରେ ଦୂଷିତ ପାଣି ମିଶୁଛି ପାଇପ ଫାଟି ମରାମତି ଓ ରକ୍ଷଣା ବେକ୍ଷଣ ଅଭାବରୁ। ସୂଚନାଯୋଗ୍ୟ ଯେ ଏହି ଗ୍ରାମରେ ୧ ଲକ୍ଷ ଲିଟର ବିଶିଷ୍ଟ ପାଣି ଟାଙ୍କିରୁ ଅମଲିପାଲି ଓ ଗଡତିଆଟିକ୍ରା ର ୫ ଟି ୱାର୍ଡ଼ରେ ଅନୁନ୍ୟ ୧୫୦୦ ଲୋକ ପାଣି ପାଇବା ପାଇଁ ତିଆରି ହୋଇଥିଲା। ଏପରିକି ଏଠାରେ ୮ଟି ନଳକୂପ ରହିଛି। ସେଥି ମଧ୍ୟରୁ ୩ଟି ନଳକୂପରୁ ନାଲିପାଣି ଓ

ଲୁହାଗୁଣ ଆସୁଥିବାରୁ ବ୍ୟବହାର ଯୋଗ୍ୟ ହୋଇ ପାରୁନାହିଁ। ପୁଣି ଅନ୍ୟ ନଳକୂପରୁ ବାହାରୁଥିବା ପାଣି ଆବଶ୍ୟକତା ପୁରଣ କରିପାରୁ ନାହିଁ। ଫଳରେ ପାନୀୟ ଜଳ ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁଣି ଆଗକୁ ରହିଛି ପ୍ରବଳ ଗ୍ରୀଷ୍ମପ୍ରବାହ। ଏନେଇ ଜଳ ଚିନ୍ତାରେ ଗ୍ରାମବାସୀ। ରାସ୍ତାରେ ବୋହି ଯାଉଛି ଅମୂଲ୍ୟ ଜଳ ହେଲେ ଶୁଖିଲା କଣ୍ଠରେ ଗ୍ରାମବାସୀ ଅନେଇ ରହିଛନ୍ତି ଚାତକ ପରି ତାର ମରାମତିକୁ। ଦୀର୍ଘ ମାସ ଧରି ଜଳ ଯୋଗାଣ ବନ୍ଦ ରହିଛି। ନଳକୂଅର ପାଣି ବ୍ୟବହାର କରିବା ନେଇ ସ୍ୱାସ୍ଥ୍ୟ ପ୍ରତି ବିପଦ ଆଶଙ୍କା ରହିଥିଲେ ମଧ୍ୟ ବାଧ୍ୟ ହେଉଛନ୍ତି ଲୋକେ। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ଏହାର ସୁବ୍ୟବସ୍ଥା କରିବା ପାଇଁ ଅଞ୍ଚଳରେ ଦାବି ଦେଉଛି।

ଆଗଲପୁର ବ୍ଲକ ଅଙ୍ଗନଦୀରେ ବାଲି ମାଫିଆଙ୍କ ପ୍ରାଦୁର୍ଭାବ :ମାତିଛନ୍ତି ବାଲିଚୋର

ବଲାଙ୍ଗୀର,୨୭/୩(ନି/ପ୍ର): ବଲାଙ୍ଗୀର ଜିଲ୍ଲା ଆଗଲପୁର ବ୍ଲକ ଦେଇ ବହିଯାଇଥିବା ଅଙ୍ଗନଦୀରେ ବାଲି ମାଫିଆଙ୍କ ପ୍ରାଦୁର୍ଭାବ କ୍ରମଶଃ ବଢ଼ିବାରେ ଲାଗିଛି। ପୂର୍ବରୁ ବର୍ଷର ଅଧିକାଂଶ ସମୟ ଏହି ନଦୀରେ ଜଳଧାରା ବହୁଥିବା ବେଳେ ଗତ କିଛି ବର୍ଷ ହେଲା ବର୍ଷାଦିନ ବ୍ୟତିତ ବାକି ସମୟ ନଦୀଟି ଶୁଖିଲା ରହୁଛି। ଅବିରତ ବାଲି ଚାଲାଣ ଯୋଗୁଁ ଅଙ୍ଗନଦୀ ତାର ଅସ୍ତିତ୍ୱ ହରାଇବାରେ ଲାଗିଛି। ପ୍ରଶାସନର ଉଦାସୀନତା ଯୋଗୁଁ ବେଫିକର ଭାବେ ବାଲି ମାଫିଆ ସେମାନଙ୍କ କାରବାର ଜାରି ରଖିଥିବା ଦେଖିବାକୁ ମିଳିଛି। ଆଗଲପୁର ବ୍ଲକ ଡୁଡୁକା-ଚୂର୍ଣ୍ଣିମୁହାଣ ଠାରେ ବେଆଇନ ଭାବେ ବାଲିଘାଟ ତିଆରି କରାଯାଇ ବାଲି ଚାଲାଣ ହେଉଛି। ନଦୀଶଯ୍ୟାରେ ହୋମ ପାଇପ ପକାଯାଇ ବାଲିଘାଟକୁ ରାସ୍ତା ତିଆରି କରାଯାଇଛି। ବନ୍ୟା ପ୍ରତିରୋଧ ଆଡ଼ିବନ୍ଧକୁ କାଟି ରାସ୍ତା ନିର୍ମାଣ ହୋଇଥିଲେ ମଧ୍ୟ ଜଳସେଚନ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ବିନା ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ଏପରିକି ରୟତି ଜମିରେ ବାଲିଘାଟକୁ ରାସ୍ତା ନିର୍ମାଣ ହୋଇଥିଲେ ମଧ୍ୟ ଜମି ମାଲିକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଅନୁଚିତ ଅନୁଗ୍ରହ ଲାଭ ପୂର୍ବକ କିଛି ଖଣି ବିଭାଗ କର୍ମଚାରୀ ବାଲି ମାଫିଆଙ୍କୁ ପ୍ରଶୟ ଦେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବାଲିଘାଟ ଉପରେ ଚଢ଼ାଉ ପୂର୍ବରୁ ଖଣି ବିଭାଗ କର୍ମଚାରୀଙ୍କ ଜରିଆରେ ବାଲି ମାଫିଆଙ୍କ ନିକଟରେ ଖବର ପହଂଚି ଯାଉଛି। ଆଉ ଏପଟେ ଚଢାଉରେ କିଛି ମିଳି ନ ଥିବା ଖଣି ଅଧିକାରୀ କହୁଛନ୍ତି। ବେଆଇନ ଭାବେ କିଛି ବାଲି ମାଫିଆ ଡୁଡୁକା-ଉପରବାହାଲ ଅଂଚଳରେ ହଜାର ହଜାର ଟ୍ରିପ୍ ବାଲି ଗଚ୍ଛିତ ରଖିଥିବା ଦେଖିବାକୁ ମିଳିଛି। ଖଣି ବିଭାଗ ପକ୍ଷରୁ ସେଠାରେ ସ୍ୱଟ୍ ଅକ୍ସନ କରାଯାଇ ନାମକୁ ମାତ୍ର ଜରିମାନା ଆଦାୟ ହେଉଛି। ପ୍ରକୃତରେ ନଦୀଗର୍ଭରୁ ପ୍ରତିଦିନ ହାଇୱାରେ ବାଲି ଚାଲାଣ ହେଉଛି । ସେହିପରି ମୂରସୁଣ୍ଡ ଠାରେ ବେଆଇନ ଭାବେ ବାଲିଘାଟ ତିଆରି କରାଯାଇ ଟ୍ରାକ୍ଟର ଯୋଗେ ପ୍ରତ୍ୟହ ବାଲି ଚୋରା ଚାଲାଣ ହେଉଛି। ସରକାରୀ ଦଳର ଜନୈକ କୁଜିନେତାଙ୍କ ପ୍ରଚ୍ଛନ୍ନ ଇଙ୍ଗିତରେ ଏଠାରେ ବାଲି ଚାଲାଣ ହେଉଥିବା ଜାଣିବାକୁ ମିଳିଛି। ଫଳରେ ପୋଲିସ ତଥା ଖଣି ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପଛଘୁଂଚା ଦେଉଥିବା ଜଣାଯାଇଛି। ଗୋଟିଏ ଟ୍ରାନଜିଟ ପାସ ବ୍ୟବହାର କରାଯାଇ ଏକାଧିକ ଟ୍ରିପ ବାଲି ଚାଲାଣ ହେଉଥିବାରୁ ସରକାରୀ ରାଜସ୍ୱ ହାନି ହେଉଛି। ବାଲି ମାଫିଆ, ଖଣି ଅଧିକାରୀ ତଥା ସ୍ଥାନୀୟ ପୋଲିସର ମିଳିତ ସଲାସୁତୁରାରେ ଚାଲିଥିବା ବାଲିର ଏହି ଚୋରା ଚାଲାଣରେ କେବେ ପୂର୍ଣ୍ଣଚ୍ଛେଦ ପଡୁଛି, ଦେଖିବାକୁ ବାକି ରହିଲା।

ଅଭୟ ପଣ୍ଡିତ ସଂସ୍କୃତ ଭାଷାର ବିନ୍ଧାଣୀ ଥିଲେ

କେନ୍ଦ୍ରାପଡ଼ା,୨୭/୩(ନି/ପ୍ର): ଅତୀତରେ ଶିକ୍ଷକମାନେ ଶିକ୍ଷାଦାନ ବାସ୍ନାରେ ବାସୁଥିଲେ। ଶିକ୍ଷାଦାନ ଏକ ମହତ ଦାନ ବୋଲି ଆଦର୍ଶ ପଣ୍ଡିତ ଅଭୟ ଚରଣ ଦାଶ ନିଜ ହାତରେ ଅନେକ ଛାତ୍ରଙ୍କୁ ମଣିଷ ପରି ମଣିଷ ଗଢ଼ି ତୋଳି ଆଜି ନିକିରାଇ ଅଂଚଳରେ ଅମର ହୋଇଯାଇଛନ୍ତି। ସଂସ୍କୃତ ଭାଷାକୁ ବିଦ୍ୟାର୍ଥୀ ମହଲରେ ଆକୃଷ୍ଟ କରାଇବାର ପ୍ରମୁଖ ଭୂମିକା ଲିଭାଇଥିଲେ।

ଜ୍ଞାନଜ୍ୟୋତି ସ୍କୁଲରେ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା

ରାଉରକେଲା,୨୭/୩(ନି/ପ୍ର) : ସିବିଏସି ତରଫରୁ ସେକ୍ଟର ୧୯ ସ୍ଥିତ ଜ୍ଞାନଜ୍ୟୋତି ପବ୍ଲିକ ସ୍କୁଲରେ ଦୁଇଦିନିଆ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଡା ଲହଣ୍ଡା ଆଦର୍ଶ ବିଦ୍ୟାଳୟ ର ଅଧକ୍ଷା ବର୍ଷା ବୈଶାଳୀ ଓ ବାସନ୍ତୀ କଲୋନୀ ସ୍ଥିତ ଡିଏଭି ପବ୍ଲିକ ସ୍କୁଲର ଟିଜିଟି ଅରଜିତା ଦାସ ଗୁପ୍ତା ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଆଜିର ଅନୁଭୂତି ଭିନ୍ନିକ ଶିକ୍ଷଣ ଦ୍ୱାରା ଛାତ୍ର ଛାତ୍ରୀ ମାନଙ୍କ ଶିକ୍ଷାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରେରଣା ଦେଇଥିଲେ। ଏହି କର୍ମଶାଳାରେ ବିଭିନ୍ନ ବିଦ୍ୟାଳୟ ଯଥା ଜ୍ଞାନଜ୍ୟୋତି, କନକ ମଞ୍ଜରୀ, ସେକ୍ଟର ୧୬ ଡିଏଭି, ଶ୍ରୀ ଅରବିନ୍ଦ ରାଉରକେଲା, ଏବଂ ମନଟ୍ ଫଟ୍ ରାଟିଂ ଆଦି ସ୍କୁଲରୁ ୪୫ ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଜ୍ଞାନଜ୍ୟୋତି ସ୍କୁଲର ଅଧକ୍ଷ ଜଳଧର ମହାପାତ୍ର ଅତିଥି ମାନଙ୍କୁ ସ୍ୱାଗତ କରିବା ସହ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷା ଡ ମୀନାକ୍ଷୀ ଷଡ଼ଙ୍ଗୀ ପ୍ରଶିକ୍ଷକ ମାନଙ୍କୁ ଉତ୍ସାହିତ କରି କାର୍ଯ୍ୟକ୍ରମର ଶୁଭାରମ୍ଭ ଓ ସଫଳତା କାମନା କରିଥିଲେ। ଛାତ୍ର ଛାତ୍ରୀ ମାନଙ୍କ ଶିକ୍ଷାକୁ ଅଧିକ ଆକର୍ଷଣୀୟ ଓ ଉପଯୋଗୀ କରିବା ପାଇଁ ଅନୁଭୂତି ଭିନ୍ନିକ ଶିକ୍ଷା ପ୍ରଣାଳୀକୁ ଗୁରୁତ୍ୱ ଦିଆଯାଇପାରିବ ବୋଲି ପ୍ରଶିକ୍ଷକ ମାନେ ଅବଗତ କରାଇଥିଲେ । ସ୍କୁଲର ସମ୍ପାଦକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ କାର୍ଯ୍ୟକ୍ରମ ସଫଳ ହୋଇଥିବାରୁ ସମ୍ବିତ ଷଡ଼ଙ୍ଗୀ ଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ନମ୍ରତା ମଲ୍ଲିକ ପରିଚାଳନା କରିଥିବାବେଳେ ଜ୍ଞାନଜ୍ୟୋତି ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ କର୍ମଶାଳାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସୁଚାରୁରୂପେ ତୁଲାଇଥିଲେ। ଏହି ଅବସରରେ ଅତିଥି ମାନେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ। ଶେଷରେ ଶିକ୍ଷକ ମନୀଷ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଫେଣାମହୁ ଉତ୍ପାଦନ ନିମନ୍ତେ ପ୍ରଶିକ୍ଷଣ ଶିବିର

କେନ୍ଦ୍ରାପଡା,୨୭/୩(ନି/ପ୍ର): କେନ୍ଦ୍ରାପଡା ଜିଲ୍ଲା କୃଷିବିଜ୍ଞାନ କେନ୍ଦ୍ରରେ ସର୍ବଭାରତୀୟ ସଂଯୋଜିତ ମହୁମାଛି, ଗରାଖ ସଂଗମକାରୀକୀଟ ପ୍ରକଳ୍ପ, ଓୟୁଏଟି ଓ କେନ୍ଦ୍ରାପଡାର କୃଷିବିଜ୍ଞାନ କେନ୍ଦ୍ରର ମିଳିତ ପ୍ରୟାସରେ ଏକ ଦୁଇ ଦିନିଆ ଫେଣାମହୁର ଉତ୍ପାଦନ କୌଶଳ ଏବଂ ଚାଷୀଙ୍କ ଦକ୍ଷତାବୃଦ୍ଧି ତାଲିମ୍ଶିବିର ଅନୁଷ୍ଠିତ ହୋଇଯାଇଛି । କୃଷିବିଜ୍ଞାନ କେନ୍ଦ୍ର ପରିସରରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୨୦ ଜଣ ଅଗ୍ରଣୀ ମହୁଚାଷୀ ଅଂଶଗ୍ରହଣ କରିଥିଲେ । ଏହି ତାଲିମ୍ କାର୍ଯ୍ୟକ୍ରମରେ ଶୁଦ୍ଧ ମହୁର ଗୁଣବତା ଯଥା ଏହାର ଔଷଧୀୟ ଗୁଣବତା ଓ ଚାହିଦା ସମ୍ବନ୍ଧରେ ପୂର୍ବତନ ଏମେରିଟସ୍ ବୈଜ୍ଞାନିକ ପ୍ରଫେସର ଚିତରଂଜନ ଶତପଥି ଆଲୋକପାତ କରିଥିଲେ । ପ୍ରକଳ୍ପର ମୁଖ୍ୟ ଡକ୍ଟର ପ୍ରଭାସିନୀ ବେହେରା

ରାମନବମୀ : ଶ୍ରୀ ହନୁମାନ ଆଖଡ଼ା ସମିତି ପକ୍ଷରୁ ଭଜନ ସନ୍ଧ୍ୟା

ରାଉରକେଲା,୨୭/୩(ନି/ପ୍ର): ରାମ ନବମୀ ଅବସରରେ ବିର୍ସା ଡାହର ରୋଡ ସ୍ଥିତ ଶ୍ରୀ ମନୋକାମ୍ନା ସିଦ୍ଧି ହନୁମାନ ମନ୍ଦିର ସମ୍ମୁଖରେ ଶ୍ରୀ ହନୁମାନ ଆଖଡ଼ା ସମିତି ପକ୍ଷରୁ ଏକ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ, ସ୍ଥାନୀୟ ଭଜନ ସମ୍ରାଟ ଲାଲ ଜୀ ଶର୍ମା, ତାରିଣୀ କୁମାର, ସମ୍ବଲପୁରର ଶ୍ରୀ ରାଧା ଏବଂ ଅନ୍ୟାନ୍ୟ ଭଜନ ଗାୟକମାନେ ଶ୍ରୀ ହନୁମାନ, ଶ୍ରୀ ରାମ ଏବଂ ଅନ୍ୟାନ୍ୟ ଦେବ-ଦେବୀଙ୍କ ଭଜନ ଗୋଟିଏ ପରେ ଗୋଟିଏ ଗାନ କରିଥିଲେ। ଭଜନ କାର୍ଯ୍ୟକ୍ରମ ରାତି ୮ଟାରେ ଆରମ୍ଭ ହୋଇଥିଲା। ଏଥିରେ ସ୍ଥାନୀୟ ଅଂଚଳର ଲୋକଙ୍କ ସମେତ ବହୁ ସଂଖ୍ୟକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀ ହନୁମାନ ଆଖଡ଼ା ସମିତିର ସଭାପତି ଗଗନ ପଣ୍ଡା, ମନୋଜ ଶର୍ମା, ଦୀପକ ଶର୍ମା, ଅଶୋକ ଅଗ୍ରୱାଲ, ରମେଶ ଶାହ, ନରେଶ ଅଗ୍ରୱାଲ, ସରଜୁ ଅଗ୍ରୱାଲ, ରାଜେଶ ତିୱାରୀ, ବିକାଶ ଦା, ଅଜୟ ଦାସ, ଅନିଲ ଶର୍ମା ଏବଂ ଅନ୍ୟାନ୍ୟ କାର୍ଯ୍ୟକାରୀ ସଦସ୍ୟଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଶେଷରେ, ଶ୍ରୀ ହନୁମାନଙ୍କ ଆରତୀ କରାଯିବା ପରେ, ଭକ୍ତମାନଙ୍କୁ ପ୍ରସାଦ ବଂଟନ କରାଯାଇଥିଲା। ଏହି ଭଜନ ସଂଧ୍ୟାରେ ମଂଚ ପରିଚାଳନା କରିଥିଲେ ମଦନ ମୋହନ ଦୀକ୍ଷିତ। ସେହିପରି ସହରର ଅନ୍ୟାନ୍ୟ ଆଖଡ଼ା କମିଟି ଦ୍ୱାରା ସୁନ୍ଦରକାଣ୍ଡ ପାଠ ଏବଂ ରାମାୟଣ ପାଠ ଆୟୋଜନ କରାଯାଇଥିଲା। ସୁନ୍ଦରକାଣ୍ଡ ଏବଂ ରାମାୟଣ ପାଠରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

ନାଟକ ନୂଆ ଦିଗନ୍ତ :ସମାଜକୁ ଦେଲା ନୂତନ ବାର୍ତ୍ତା

ରାଉରକେଲା,୨୭/୩(ନି/ପ୍ର) : ରାଉରକେଲାର ଅଗ୍ରଣୀ ନାଟ୍ୟାନୁଷ୍ଠାନ ସଂପର୍କ ଆୟୋଜିତ ଜାତୀୟ ନାଟକ ମହୋତ୍ସବର ପଂଚମ ସଂନ୍ଧ୍ୟାର ଉତ୍ସବକୁ ରାଉରକେଲାର ଲୋକସମ୍ପର୍କ ଅଧିକାରୀ ସୀମା ଫତିମା ଏକ୍କା ଉଦ୍ଘାଟନ କରିଥିଲେ । ରାଉରକେଲା ଇସ୍ପାତ କାରଖାନାର ଅବସରପ୍ରାପ୍ତ ମହାପ୍ରବନ୍ଧକ ଗୋପୀନାଥ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା ନାରାୟଣ ପତିଙ୍କ ସଭାପତିତ୍ୱରେ ଏହି ସଭାକୁ ଝିଲିମା ମହାନ୍ତି ସଂଯୋଜନା କରିଥିଲେ ଓ ଅନୁଷ୍ଠାନର ସାଂଗଠନିକ ସଂପାଦକ ସୁରେନ୍ଦ୍ର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଭୁବନେଶ୍ୱରର ବରିଷ୍ଠ ନାଟ୍ୟକାର ପଚାଂନନ ଦାସଙ୍କୁ ସଂପର୍କ ସମ୍ମାନରେ ସମ୍ମାନିତ କରାଯାଇଥିଲା । ନାଟକ ମହୋତ୍ସବରେ ସୁନ୍ଦର ଓ ସୁସ୍ପଷ୍ଟ ମାନପତ୍ର ପାଠ କରି ଦର୍ଶକଙ୍କୁ ଅଭିଭୂତ କରିଥିବାରୁ ବିଜୟଲକ୍ଷ୍ମୀ ନାଏକ,ଶ୍ରୀମତୀ ଆଶାଲତା ଦାସ ଓ ମଂଚ ପରିଚାଳନାରେ ଅକୁଣ୍ଠ ସହାୟତା ପ୍ରଦାନ କରିଥିବା କଲ୍ୟାଣୀ ଦାସ, ରୁନୁ ବେକ୍ ,ସନ୍ଧ୍ୟା ପଟ୍ଟନାୟକ ଙ୍କୁ ସମ୍ମାନିତ କରାଯାଇଥିଲା । ନାଟକ ବିଷୟବସ୍ତୁ - କାମୁକ ପୁରୁଷ କାମନାର ବଶୀଭୂତ ହୋଇ ଭଲମନ୍ଦ ବିଚାର କରି ନ ପାରି ଛୋଟ ବାଳିକା ଠାରୁ ବୟସ୍କା ନାରୀ ଯାଏ ସମସ୍ତଙ୍କୁ ଅସଦାଚରଣ କରି ଜେଲ ଯାଏ । ଜେଲରୁ ଫେରିବା ପରେ ସମାଜ ତାକୁ କେଉଁ ଦୃଷ୍ଟିରେ ଦେଖେ ତା ଦ୍ୱାରା ତାର ଦୈନନ୍ଦିନ ଜୀବନ କିପରି ଦୁର୍ବିସହ ହୋଇ ପଡେ ଏପରି ଏକ ବାସ୍ତବ କାହାଣୀକୁ ନେଇ

ପଚାଂନନ ଦାସଙ୍କ ଦ୍ୱାରା ରଚିତ ନାଟକ 'ନୂଆ ଦିଗନ୍ତ ' ପରେପରେ ପଂଚଧ୍ୱନି ଭୁବନେଶ୍ୱରର କଳାକାର ମାନଙ୍କ ଦ୍ୱାରା ମଚଂସ୍ଥ ହୋଇଥିଲା । ପ୍ରକାଶକ ମହାରଣାଙ୍କ ଉଚ୍ଚକୋଟୀର ନିର୍ଦ୍ଦେଶନା, ପ୍ରତାପ ରାଉତଙ୍କ ସୁମଧୁର ପ୍ରଚ୍ଛଦ ସଙ୍ଗୀତ, ରାକେଶ ଶତପଥୀଙ୍କ ଆଖି ଝଲସା ଆଲୋକ ସଂପାତ ସାଂଗକୁ କଳାକାର ମାନଙ୍କର ନିଖୁଣ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଆସନ୍ତା କାଲି ବିଶ୍ୱନାଟ୍ୟ ଦିବସରେ ସକାଳ ଆଠ ଟାରୁ ରଙ୍ଗାରଙ୍ଗ ନାଟ୍ୟପଦଯାତ୍ରା ,ଦିନ ଦଶଟାରେ ଶିକ୍ଷାନୁଷ୍ଠାନ ରେ ନାଟକ ଉପରେ ବକ୍ତୃତା ପ୍ରତିଯୋଗିତା, ଅପରାହ୍ନ ତିନି ଘଟିକାରେ ଉପାସନା ନୃତ୍ୟୋତ୍ସବ, ସଂନ୍ଧ୍ୟାରେ ନାଟକ ପଞ୍ଚୀ ମଚଂସ୍ଥ ହେବ ବୋଲି ଜଣାପଡିଛି ।

ବୀର ବଜରଙ୍ଗ ଆଖଡ଼ା ପକ୍ଷରୁ ବିଶାଳ ଶୋଭାଯାତ୍ରା

ରାଉରକେଲା,୨୭/୩(ନି/ପ୍ର): ରାମନବମୀ ଅବସରରେ ବୀର ବଜରଙ୍ଗ ଆଖଡ଼ା ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ବାହାର କରାଯାଇଥିଲା। ଷ୍ଟିଲ୍ ଜୋନ୍ ସେକ୍ଟର-୧୬ର ବୀର ବଜରଙ୍ଗ ଆଖଡ଼ା କମିଟି ରାମନବମୀ ଅବସରରେ ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରିଥିଲା। ଏକ ଟ୍ରଲରରେ ବଜରଙ୍ଗବାଲିଙ୍କ ଏକ ବିଶାଳ ପ୍ରତିମା ରଖାଯାଇ ପୂଜା କରାଯାଇଥିଲା ଏବଂ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ କରାଯାଇଥିଲା। ସେକ୍ଟର-୧୬ର ବହୁ ସଂଖ୍ୟକ ସ୍ଥାନୀୟ ଲୋକ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଢୋଲ୍ ଏବଂ ଝାଞ୍ଜର ଶବ୍ଦରେ ସମଗ୍ର ଅଚଂଳ ପ୍ରକମ୍ପିତ ହୋଇଥିଲା। ଏହିସମୟରେ, ଆଖଡ଼ା କମିଟିର ଖେଳାଳିମାନେ ଲାଠି ଖେଳ, ଷ୍ଟିଲ୍ ରିଲେ ଖେଳ ଏବଂ ଅନ୍ୟାନ୍ୟ ଖେଳ ପ୍ରଦର୍ଶନ କରିଥିଲେ। ବିଶେଷକରି ଛୋଟ ପିଲା ଏବଂ ଯୁବକମାନଙ୍କ ମଧ୍ୟରେ ଏହି ରାମନବମୀ ଶୋଭାଯାତ୍ରା ପାଇଁ ବହୁତ ଉତ୍ସାହ ଥିଲା। ବିନୋଦ କୁମାର ଓରଫ ମିଟାଂ, ରାଜେଶ କୁମାର, ସୁନୀଲ ଶେଟ୍ଟି, ଜିତେନ୍ଦ୍ର ଠାକୁର, ଚିନ୍ନୁ ଲାଲ ଏବଂ ଆଖଡ଼ା କମିଟିର ଅନ୍ୟାନ୍ୟ ପଦାଧିକାରୀ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଏହି ଶୋଭାଯାତ୍ରା ସେକ୍ଟର-୧୬ ହନୁମାନ ମନ୍ଦିରରୁ ଆରମ୍ଭ ହୋଇଥିଲା ଏବଂ ଖେଳ ପ୍ରଦର୍ଶନ କରି ସ୍ଥାନୀୟ ଅଚଂଳ ପରିକ୍ରମା କରିଥିଲା। ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଛକ ଛକରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ସରବତ ଏବଂ ପାନୀୟ ଜଳର ବ୍ୟବସ୍ଥା ମଧ୍ୟ କରାଯାଇଥିଲା।

ଜଗଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଘରହିଁ ବିଦ୍ୟାଳୟ ପ୍ରକଳ୍ପ ଅନୁଷ୍ଠିତ

ରାଉରକେଲା,୨୭/୩: ସ୍ଥାନୀୟ ଜଗଦା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଆୟୁର୍ବେଦିକ ଚିକିତ୍ସକ ଡାକ୍ତର ରବି ନାରାୟଣ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯକ୍ରମର ଶୁଭାରମ୍ଭ କରିଥିଲେ। ଡାକ୍ତର ଶ୍ରୀ ବେହେରା ତାଙ୍କ ଅଭିଭାଷଣରେ 'ଶିଶୁର ରୋଗ ଓ ଏହାର ଚିକିତ୍ସା' ଶୀର୍ଷକ ବିଷୟ ଉପରେ ବିଶଦ ଭାବେ ଆଲୋଚନା କରିଥିଲେ। ଆୟୁର୍ବେଦିକ ଚିକିତ୍ସା ପ୍ରଣାଳୀ ଦ୍ୱାରା ଶିଶୁମାନେ ଆକ୍ରାନ୍ତ ହେଉଥିବା ବିଭିନ୍ନ ରୋଗର ନିରାକରଣ ସଂପର୍କରେ ସେ ଆଲୋକପାତ କରିଥିଲେ। ଶିଶୁ ବାଟିକାର ପ୍ରମୁଖ ଆଚାର୍ଯ୍ୟା ଜୟନ୍ତୀ ଦାଶଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୂର୍ଯ୍ୟ ନାରାୟଣ ଦାସ ଯୋଗଦେଇ ଅତିଥି ପରିଚୟ ପ୍ରଦାନ କରିବା ଅବସରରେ ଡାକ୍ତର ଶ୍ରୀ ବେହେରାଙ୍କ ମୂଲ୍ୟବାନ ପରାମର୍ଶ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। କାର୍ଯକ୍ରମ ରେ ଛାତ୍ର ଛାତ୍ରୀଙ୍କ ଅଭିଭାବକ ଅଭିଭାବିକା ମାନଙ୍କ ସମେତ ବିଦ୍ୟାଳୟର ଗୁରୁମା ମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଗୁରୁମା କଲ୍ୟାଣୀ ରଥଙ୍କ ଦ୍ୱାରା ବିଷୟ ଆଧାରିତ ଏକ ପ୍ରାୟୋଗିକ କାଳାଂଶ କରାଯାଇଥିଲା।

ସୁଭଦ୍ରା ଶକ୍ତି ମେଳାର ଦ୍ୱିତୀୟ ସନ୍ଧ୍ୟାରେ ସଙ୍ଗୀତ ଓ ହାସ୍ୟର ରଙ୍ଗିନ ଆସର

କେନ୍ଦ୍ରାପଡା, ୨୭/୩(ନି/ପ୍ର): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାର ଦ୍ୱିତୀୟ ସନ୍ଧ୍ୟା ଆଜି ସଙ୍ଗୀତ ଓ ହାସ୍ୟର ରଙ୍ଗିନ ଆସରରେ ମୁଗ୍ଧମୟ ହୋଇଯାଇଥିଲା। ବିପୁଳ ସଂଖ୍ୟକ ଦର୍ଶକଙ୍କ ଉପସ୍ଥିତିରେ ସାରା ପରିବେଶ ଉତ୍ସବମୁଖର ହୋଇଥିଲା ଆଜିର କାର୍ଯ୍ୟକ୍ରମରେ ଅତିଥି ଭାବେ ମାର୍ଶାଘାଇ ପଂଚାୟତ ସମିତି ଅଧକ୍ଷା ମଧୁସ୍ମିତା ସାମଲ, କେନ୍ଦ୍ରାପଡ଼ା ପଂଚାୟତ ସମିତି ଅଧକ୍ଷା ରଶ୍ମିତା ସେଠୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ ଯୋଗଦେଇଥିଲେ। ଏହା ସହିତ ଲକ୍ଷପତି ଦିଦି ରେସ୍ମା ବେଗମ ଏବଂ ସମ୍ପତ ପରିଡା ତାଙ୍କର ଅଭିଜ୍ଞତା କହିଥିଲେ। ସମସ୍ତ ଅତିଥିମାନେ ମେଳାର ସଫଳ ଆୟୋଜନ ପାଇଁ ପ୍ରଶଂସା କରିଥିଲେ।

ଆଇନ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା

ରାଉରକେଲା,୨୭/୩(ନି/ପ୍ର): ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳକାୟରେ ପ୍ରଥମଥର ପାଇଁ ଆରମ୍ଭ ହୋଇଥିବା ଆନ୍ତଃ ଆଇନ ମହାବିଦ୍ୟାଳୟରେ ଦୁଇ ଦିନିଆ ମୁଟ କୋର୍ଟ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଯେଉଁଥିରେ ୩୬ ଟି ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଭାଗ ନେଇଥିଲେ । ଏଥିରେ ରାଉରକେଲା ଆଇନ ମହାବିଦ୍ୟାଳୟ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରିଛି । ଛାତ୍ର ଚିନ୍ମୟ ନାରାୟଣ ପ୍ରଧାନ ଶ୍ରେଷ୍ଠ ବକ୍ତା ଭାବେ ପୁରସ୍କୃତ ହୋଇଥିଲେ ଏବଂ ସାଥି ଛାତ୍ର ଅମିତ ପାତ୍ର ଓ ଛାତ୍ରୀ ତାନିୟା ଓ୍ୱାର୍ଷି ଭାଗ ନେଇ

ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ଏହି ଖବର ପାଇଁ ମହାବିଦ୍ୟାଳୟରେ ଆନନ୍ଦର ଲହରୀ ଖେଳି ଯାଇଛି । ଭରପ୍ରାପ୍ତ ଅଧକ୍ଷା ଡ. ସମ୍ପାଦିକା ମହାନ୍ତି, ପରିଚାଳନା ସମିତିର ସଭାପତି ଲାୟନ ଡ. ଯତୀନ୍ଦ୍ର ନାୟକ ଏବଂ ଲାୟନ ଇଂ. ହରଦୀପ ସିଂହ ଉପସ୍ଥିତ ରହି ଭଗନେଇଥିବା ଛାତ୍ରଛାତ୍ରୀ ମାନଙ୍କୁ ମିଠା ଖୁଆଇ ସମ୍ବର୍ଦ୍ଧନା ଜଣାଇଥିଲେ ।

ସେଲ ଆରଏସପିର ଟାଉନ୍ ଇଞ୍ଜିନିୟରିଂ (ବୈଦ୍ୟୁତିକ)ଙ୍କ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସଫର୍ମରର ପୁନରୁଦ୍ଧାର

ରାଉରକେଲା,୨୭/୩(ନି/ପ୍ର) :କାର୍ଯ୍ୟରେ ପାରଦର୍ଶିତା ଏବଂ ମୂଲ୍ୟ-ସଚେତନ ନବସୃଜନର ଉଲ୍ଲେଖନୀୟ ପ୍ରଦର୍ଶନରେ, ରାଉରକେଲା ଷ୍ଟିଲ୍ ପ୍ଲାଂଟ (ଆରଏସପି) ର ଟାଉନ୍ ଇଞ୍ଜିନିୟରିଂ (ବୈଦ୍ୟୁତିକ) ୟୁନିଟ୍, ସଫଳତାର ସହିତ ୩୩ କେଭି/ ୧୧ କେଭି , ୩ ଏମଭିଏ ଟ୍ରାନ୍ସଫର୍ମର ନମ୍ବର ୮ ର ସମ୍ପୂର୍ଣ୍ଣ ନବୀକରଣ ଓ ମରାମତି କରିଛି, ଯାହା ଉନ୍ନତ କାର୍ଯ୍ୟଦକ୍ଷତା ଏବଂ ଅନେକ ସଂଚୟ ସୁନିଶ୍ଚିତ କରିଛି। ଆରଏସପି ଟାଉନସିପର ବିଭିନ୍ନ ଅଚଂଳକୁ ବିଦ୍ୟୁତ୍ ଯୋଗାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଟ୍ରାନ୍ସଫର୍ମରଟି ସ୍ୱାଭାବିକ କାର୍ଯ୍ୟ କରୁନଥିଲା। ଏହାର ବୈଷୟିକ ମାନ ଗ୍ରହଣୀୟ ମାନକ ଠାରୁ ନିମ୍ନ ରେ ଥିଲା, ଅଧିକନ୍ତୁ ତେଲ ଲିକେଜ୍ ଓ ଇନସୁଲେଟିଂ ଗାସ୍କେଟ ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଥିଲା। ଦୀର୍ଘ ସମୟ ବ୍ୟବହାର ଯୋଗୁଁ, ଟ୍ରାନ୍ସଫର୍ମରର କାର୍ଯ୍ୟଦକ୍ଷତା ଯଥେଷ୍ଟ ହ୍ରାସ ପାଇଥିଲା। ଏହାକୁ ଆହ୍ୱାନ ରୂପେ ଗ୍ରହଣ କରି, ଟାଉନ୍ ଇଞ୍ଜିନିୟରିଂ (ବୈଦ୍ୟୁତିକ) ନିଜସ୍ୱ ସମ୍ବଳ ଉପଯୋଗ ରେ ଟ୍ରାନ୍ସଫର୍ମରର ନବୀକରଣ ଓ ମରାମତି କରିଥିଲେ। ଏହି ପଦକ୍ଷେପ କେବଳ ଟ୍ରାନ୍ସଫର୍ମରର କାର୍ଯ୍ୟକ୍ଷମତାକୁ ବୃଦ୍ଧି କରିନଥିଲା ବରଂ ଏହାର ସେବା ଜୀବନକୁ ୧୦ ବର୍ଷରୁ ଅଧିକ ବୃଦ୍ଧି କରିଥିଲା। ଗୁରୁତ୍ୱପୂର୍ଣ୍ଣ ଯେ, ଏକ ନୂତନ ଟ୍ରାନ୍ସଫର୍ମର କ୍ରୟ ପାଇଁ ପ୍ରାୟ ୬୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାନ୍ତା, କିନ୍ତୁ ସମ୍ପୂର୍ଣ୍ଣ ନବୀକରଣ ପ୍ରାୟ ୩ ଲକ୍ଷ ଟଙ୍କା ମୂଲ୍ୟରେ ସମ୍ପନ୍ନ ହୋଇଥିଲା ଯାହା ଏକ ପ୍ରଭାବଶାଳୀ ସଂଚୟ ଅଟେ । ପୁନରୁଦ୍ଧାର ଟ୍ରାନ୍ସଫର୍ମରଟି ଆଗାମୀ ୧୦ ରୁ ୧୨ ବର୍ଷ ପାଇଁ ନିର୍ଭରଯୋଗ୍ୟ ସେବା ପ୍ରଦାନ କରିବ, ଯାହା ଟାଉନସିପରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଏବଂ ବ୍ୟବସ୍ଥାଗତ ସ୍ଥିରତା ସୁନିଶ୍ଚିତ କରିବ। ଗତ ୨୪ ତାରିଖ ଦିନ ସିଜିଏମ୍ (ଟାଉନ୍ ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି) ଶ୍ରୀ ବି.କେ. ଜୋଜୋ ଉକ୍ତ ଟ୍ରାନ୍ସଫର୍ମରଟି ଉଦ୍ଘାଟନ କରି ଥିଲେ। ଏ ଅବସର ରେ ଜିଏମ୍ (ଟିଇ-ବୈଦ୍ୟୁତିକ) ମୋହମ୍ମଦ ଆସରଫ ସିଦ୍ଧିକି, ଜିଏମ୍ (ଟିଇ-ବୈଦ୍ୟୁତିକ), ଶ୍ରୀ ଏସ୍.କେ. ପ୍ରଧାନ ଏବଂ ଟାଉନ ଇଞ୍ଜିନିୟରିଂ ବିଭାଗର ଅନ୍ୟ ଅଧିକାରୀ ଓ ଅନେକ କର୍ମଚାରୀ ଉପସ୍ଥିତ ଥିଲେ । ଜିଏମ୍ (ଟିଇ-ବୈଦ୍ୟୁତିକ) ଶ୍ରୀ ଏସ୍.ସି. ନାୟକଙ୍କ ନେତୃତ୍ୱରେ ଏକ ଉତ୍ସର୍ଗୀକୃତ ଦଳ ପ୍ରକଳ୍ପର କାର୍ଯ୍ୟାନ୍ୱୟନର ଦାୟିତ୍ୱ ନେଇଥିଲେ। ଉଲ୍ଲେଖନୀୟ ଯେ ଟାଉନ୍ ଇଞ୍ଜିନିୟରିଂ ବିଭାଗକୁ ସେକ୍ଟର-୬ ଏବଂ ସେକ୍ଟର-୨ରେ ୩୩ କେଭି/ ୧୧ କେଭି , ୩ ଏମଭିଏ ପାୱାର ଟ୍ରାନ୍ସଫର୍ମର ଏବଂ ସମ୍ପୃକ୍ତ ସହାୟକ ଉପକରଣର ୨୪ ଘଣ୍ଟା ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଛି। ଏହି ବିଭାଗ ଜଳ ଯୋଗାଣ ବ୍ୟବସ୍ଥା, ହସ୍ପିଟାଲ, କ୍ଲବ ଏବଂ ଅଫିସ୍ ପ୍ରତିଷ୍ଠାନ ଭଳି ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ଉପକ୍ରମ ଗୁଡ଼ିକ ସହିତ ପ୍ରାୟ ୨୦ ହଜାର କମ୍ପାନୀ କ୍ୱାର୍ଟର୍ସକୁ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରୁଛି। ଏଥିରେ ଏଚ ଟି, ଏଲ ଟି ସିଷ୍ଟମ ଏବଂ ଷ୍ଟ୍ରିଟ୍ ଲାଇଟିଂ ଭିତିଭୂମିର ଏକ ବ୍ୟାପକ ନେଟୱାର୍କର ନିରନ୍ତର ରକ୍ଷଣାବେକ୍ଷଣ ଅନ୍ତର୍ଭୁକ୍ତ ଅଛି ।